ବର୍ଷ-୨୬, ସଂଖ୍ୟା-୧୨୩
ଭୁବନେଶ୍ୱର
୦୭, ମଇ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 123
Bhubaneswar
07 May, , 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଦିତ୍ୟଙ୍କୁ ପ୍ରେମ କରୁଛନ୍ତି ତାରା ସୁତାରିଆ

# ବନ୍ଦର-ଭିତ୍ତିକ ବିକାଶ ପୂର୍ବ ଭାରତର ପ୍ରଗତିକୁ ଆଗେଇ ନେବ : ମୁଖ୍ୟମନ୍ତ୍ରୀ





ମୁନ୍ଦ୍ରା(ଗୁଜରାଟ),୬।୫(ମହାଭାରତ): ''ଭାରତର ବିକାଶ ଏକପାଖିଆ ହୋଇ ରହିପାରିବ ନାହିଁ।'' ଶିଳ୍ପ ସମ୍ପ୍ରସାରଣର ଆଗାମୀ ପର୍ଯ୍ୟାୟ ପୂର୍ବ ଉପକୂଳ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁନ୍ଦ୍ରା ବନ୍ଦର ପରିଦର୍ଶନ ଅବସରରେ ଶିଳ୍ପ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି କହିଛନ୍ତି ।ଦେଶର ଅଭିବୃଦ୍ଧି ରଣନୀତିରେ ଏହି ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ 'ଟୁ-କୋଷ୍ଟ ଷ୍ଟ୍ରାଟେଜି' ବା ଦ୍ୱି-ଉପକୂଳ ରଣନୀତିର ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମ ଉପକୂଳର ଦକ୍ଷତା ଏବଂ ପୂର୍ବ ଉପକୂଳର ସୁଯୋଗକୁ ସମନ୍ୱିତ କରି ଶିଳ୍ପ ସମ୍ପ୍ରସାରଣ କରିବାକୁ ସେ ଶିଳ୍ପପତିମାନଙ୍କୁ ଅନୁରୋଧ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଶିଳ୍ପ ଇକୋସିଷ୍ଟମର ପ୍ରତିଯୋଗିତାମୂଳକ ପରିବେଶରେ ଭାରତ ଯେପରି ଦୀର୍ଘକାଳୀନ ଭାବେ ଦକ୍ଷତାର ସହ ଅଭିବୃଦ୍ଧି ହାସଲ କରିପାରିବ, ସେଥିପାଇଁ ସନ୍ତୁଳିତ ଉପକୂଳ ବିକାଶ ଅପରିହାର୍ଯ୍ୟ । ଆସନ୍ତା ଦଶକର ଅଭିବୃଦ୍ଧିରେ ପୂର୍ବ ଉପକୂଳ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଛନ୍ତି ।ଭାରତର ପଶ୍ଚିମ ଉପକୂଳର ବ୍ୟାପକତା ଏବଂ ଦକ୍ଷତାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ପୂର୍ବ ଉପକୂଳର ବିକାଶକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି କହିଥିଲେ । ସେ ଓଡିଶାକୁ ଦେଶର ପରବର୍ତ୍ତୀ ଶିଳ୍ପ ଅଭିବୃଦ୍ଧିର ଏକ ଗେଟ୍ ?-ଓ୍ୱେ (ଏବଦ୍ଧରଙ୍ଗବଙ୍ଗ) ଭାବେ ଦର୍ଶାଇଥିଲେ। ସେ କହିଥିଲେ ଯେ ପଶ୍ଚିମ ଉପକୂଳ ସାମୁଦ୍ରିକ ବାଣିଜ୍ୟ ଏବଂ ଶିଳ୍ପ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଥିବାବେଳେ, ପୂର୍ବ ଉପକୂଳ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡରେ ପହଞ୍ଚିଛି ଏବଂ ଓଡିଶା ସେହି ସଫଳତାର ପୁନରାବୃତ୍ତି କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।ଦକ୍ଷିଣ-ପୂର୍ବ ଏସିଆ, ପୂର୍ବ ଏସିଆ ଏବଂ ଇଣ୍ଡୋ-ପାସିଫିକ ଅଞ୍ଚଳ ସହିତ ଓଡିଶାର ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଓଡିଶାର ପ୍ରତିନିଧି ଦଳ ମୁନ୍ଦ୍ରା ଶିଳ୍ପାଞ୍ଚଳ ଏବଂ ଏସଇଜେଡ ପରିଦର୍ଶନ କରିଥିଲେ। ସେମାନେ କଣ୍ଟେନର ଜେଟି, ଭେରି ଲାର୍ଜ କ୍ରୁଡ୍ କ୍ୟାରିଅର୍ ଜେଟି, ତମ୍ବା ଉତ୍ପାଦନ ୟୁନିଟ୍, ସୌର ସେଲ୍ ଏବଂ ପବନ ଚଳିତ ଟର୍ବାଇନ୍ ଉପକରଣ ନିର୍ମାଣ କେନ୍ଦ୍ର ଗୁଡିକ ବୁଲି ଦେଖିଥିଲେ। ଶିଳ୍ପପତିମାନଙ୍କୁ ଓଡିଶାର ନିବେଶ ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବର୍ତ୍ତମାନ ସୁଦ୍ଧା-୮.୩୭ ଲକ୍ଷ କୋଟି ଟଙ୍କାର ୪୩୩ଟି ନିବେଶ ପ୍ରସ୍ତାବ ଅନୁମୋଦିତ ୨.୮୬ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇସାରିଛି ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, "ମୁଁ ପାରାଦୀପ ମାଟିର ସନ୍ତାନ ଏବଂ ପାରାଦୀପ କିଭଳି ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଛି ତାହା ମୁଁ ନିଜେ ଦେଖିଛି।

## ଓଡିଶାକୁ ପୁଣି ବାତ୍ୟା ଭୟ

ଭୁବନେଶ୍ୱର,୬।୫(ମହାଭାରତ): ଆସୁଛି କି ବାତ୍ୟା। ଓଡିଶାକୁ ପୁଣି ବାତ୍ୟା ଭୟ। ଆମେରିକା ମଡେଲ୍ ଓ ୟୁରୋପିଆନ୍ ମଡେଲ୍‌ରେ ବଙ୍ଗୋପସାଗରରେ ବାତ୍ୟା ନେଇ କରାଯାଇଛି ପୂର୍ବାନୁମାନ। ସବୁଠାରୁ ବଡ କଥା ହେଉଛି ବର୍ତ୍ତମାନ ବଙ୍ଗୋପସାଗରରେ ପାଣିପାଗର କାରକ ଗୁଡିକ ବାତ୍ୟାକୁ ସୁହାଇଲା ଭଳି ରହିଛି। ଉଭୟ ଆମେରିକାର ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ମଡେଲ ଏବଂ ୟୁରୋପିଆନ ସେଣ୍ଟର ଫର ମିଡିୟମ ରେଞ୍ଜ ଓ୍ୱେଦର ଫୋରକାଷ୍ଟ ମଡେଲ ଦେଖେଇଲେଣି ବଙ୍ଗୋପସାଗରରେ ବାତ୍ୟା। ଜିଏଫ୍ ?ଏସ୍ ? ମଡେଲ ଅନୁଯାୟୀ, ୧୦ମେ' ବେଳକୁ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପରେ ଏହା ଅଧିକ ଘନୀଭୂତ ହୋଇ ଓଡିଶା-ପଶ୍ଚିମବଙ୍ଗ ମୁହାଁ ହେବ। ୧୬ମେ' ବେଳକୁ ଏହା ଉପକୂଳ ଛୁଇଁବା ସମ୍ଭାବନା ରହିଛି । ମେ ମାସ ଆସିଲେ ଘାରିଥାଏ ବାତ୍ୟାର ଭୟ। ୨୦୨୦ରେ ମହାବାତ୍ୟା ଅମ୍ଫାନ ସମାନ ଅଞ୍ଚଳରେ ସୃଷ୍ଟି ହୋଇ ୧୬ମେ ସୁଦ୍ଧା ପଶ୍ଚିମବଙ୍ଗ ଓ ଓଡିଶା ଉପକୂଳରେ ବ୍ୟାପକ କ୍ଷୟକ୍ଷତି ଘଟାଇ ଥିଲା ।

## ବିଜୟଙ୍କୁ ମିଳୁନି ଆବଶ୍ୟକ ସମର୍ଥନ

ଚେନ୍ନାଇ,୬।୫(ମହାଭାରତ): ତାମିଲନାଡୁରେ ବିଜୟଙ୍କ ସରକାର ଗଠନ ବର୍ତ୍ତମାନ ଅଧାରେ ଲଟକି ରହିଥିବା ଜଣାପଡୁଛି। ଏହାର କାରଣ ହେଉଛି ବର୍ତ୍ତମାନ ତାଙ୍କ ପାଖରେ ୧୧୩ ବିଧାୟକଙ୍କ ସମର୍ଥନ ରହିଛି, ଯେତେବେଳେ କି ବହୁମତ ପାଇଁ ଆହୁରି ୫ ଜଣଙ୍କ ଆବଶ୍ୟକତା ଅଛି। କଂଗ୍ରେସର ସାଥ୍ ମିଳିଛି, କିନ୍ତୁ ସିପିଆଇ-ସିପିଏମ ପକ୍ଷରୁ ତାଙ୍କୁ ଝଟକା ଲାଗିଛି। ଏବେ ବିଜୟଙ୍କ ସାମ୍ନାରେ ବହୁମତ ପ୍ରମାଣ କରିବା ଏକ ବଡ଼ ଆହ୍ୱାନ। ବିଜୟଙ୍କ ଦଳ ନିର୍ବାଚନରେ ୧୦୮ ଆସନରେ ଜିତିଥିବାବେଳେ ସରକାର ଗଠନ ପାଇଁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟିଛନ୍ତି । ୧୧୨ ବିଧାୟକଙ୍କ ସମର୍ଥନ ଥିବା ଏକ ଦସ୍ତଖତ ଟିଭିକେ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି । ଏହାସହ ବିଜୟ ସରକାର ଗଠନ ପାଇଁ ଦାବି କରିଛନ୍ତି । ସେପଟେ ରାଜ୍ୟପାଳ କହିଛନ୍ତି କି, ଆଣନ୍ତୁ ୧୧୮ ବିଧାୟକଙ୍କ ଦସ୍ତଖତ । ଯେଉଁ କାରଣରୁ ଏହି ଦାବିକୁ ଫେରାଇ ଦେଇଛନ୍ତି ରାଜ୍ୟପାଳ । ଯେଉଁ କାରଣରୁ ରାଜ୍ୟପାଳଙ୍କୁ କିଛି ସମୟ ମାଗିଛନ୍ତି ବିଜୟ ।

ତାମିଲନାଡୁ ରାଜନୀତିରେ ଏକ ଅପ୍ରତ୍ୟାଶିତ ମୋଡ଼ ଆସୁଛି। ଟିଭିକେ ମୁଖ୍ୟ ବିଜୟ ତାମିଲନାଡୁରେ ପରବର୍ତ୍ତୀ ସରକାର ଗଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେ ତାମିଲନାଡୁ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ। ତଥାପି, ରାଜ୍ୟପାଳଙ୍କଠାରୁ ସରକାର ଗଢ଼ିବା ପାଇଁ ଅନୁମତି ମିଳିନାହିଁ। ବିଜୟଙ୍କ ପାଖରେ ୧୧୩ ବିଧାୟକଙ୍କ ସମର୍ଥନ ରହିଛି, ଯେତେବେଳେ କି ସରକାର ଗଢ଼ିବା ପାଇଁ ୧୧୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ।

ବିଜୟ କଂଗ୍ରେସ ସହ ମେଣ୍ଟ କରିଥିବାରୁ ଏହାକୁ ସମାଲୋଚନା କରିଛନ୍ତି ଏଆଇଏଡିଏମକେର ବରିଷ୍ଠ ନେତା କୋଭାଇ ସତ୍ୟନ। ସେ କଂଗ୍ରେସକୁ ବିଜୟଙ୍କ ସହ ମେଣ୍ଟ କରିଥିବାରୁ ସମାଲୋଚନା କରିଛନ୍ତି।

କଂଗ୍ରେସର ସମର୍ଥନ ପ୍ରତିଶ୍ରୁତି ସତ୍ତ୍ୱେ ବିଜୟଙ୍କ ପାଖରେ ଏବେ ମଧ୍ୟ ସରକାର ଗଢ଼ିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟା ନାହିଁ। ତାଙ୍କ ଦଳ, ଯାହା ବିଧାନସଭା ନିର୍ବାଚନ ପରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି, ତାକୁ ବହୁମତର ୧୧୮ ଆସନ ଅଙ୍କ ଛୁଇଁବା ପାଇଁ ଅତିକମରେ ୧୦ଟି ଆସନ ଆବଶ୍ୟକ। ସେ କଂଗ୍ରେସର ୫ଟି ଆସନ ସହ ନିଜର ସଂଖ୍ୟା ୧୧୩କୁ ବୃଦ୍ଧି କରିଛନ୍ତି। ତଥାପି, ଏବେ ବି ଆହୁରି ୫ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। କଂଗ୍ରେସ ବ୍ୟତୀତ, ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ବିଜୟଙ୍କ ଟିମ୍‌ରେ ଆଉ କିଏ ରହିବେ, ତାହା ସ୍ପଷ୍ଟ ହୋଇନାହିଁ। ଟିଭିକେ ଡିଏମକେ ର ଅନ୍ୟ ପ୍ରମୁଖ ସହଯୋଗୀ, ସିପିଆଇ (ଦୁଇଟି ଆସନ), ସିପିଏମ୍ (ଦୁଇଟି ଆସନ) ଏବଂ ଭିସିକେ (ଦୁଇଟି ଆସନ) ର ସମର୍ଥନ ଉପରେ ଭରସା କରୁଛି। ଏହି ମାମଲାରେ ବାମପନ୍ଥୀ ଦଳମାନେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି।

# ଭୁବନେଶ୍ୱରରେ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

## ନାବାଳିକା ସହ ୩ ମୃତ



ଭୁବନେଶ୍ୱର,୬।୫(ମହାଭରତ): ଭୁବନେଶ୍ୱରର ବଡ଼ଗଡ଼ କେନାଲ ରୋଡରେ ଥିବା ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ଜଣେ ନାବାଳିକାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ଆପାର୍ଟମେଣ୍ଟର ସୁରକ୍ଷା କର୍ମୀ ଓ ମହିଳା କେୟାର ଟେକର।

ଆଜି ଭୋର ପ୍ରାୟ ସାଢେ ୪ଟା ବେଳେ ଏହି ଘଟଣା ଘଟିଥିଲା। ଆପାର୍ଟମେଣ୍ଟର ସୁରକ୍ଷା କର୍ମୀଙ୍କ ରୁମରେ ପ୍ରଥମେ ନିଆଁ ଲାଗିଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆପାର୍ଟମେଣ୍ଟର ବେସମେଣ୍ଟରେ ଥିବା ବିଦ୍ୟୁତ ପ୍ୟାନେଲ ପୂରା ପୋଡ଼ି ଯାଇଛି। ଏହା ପାଖରେ ଥିବା ରୁମରେ ମୃତକମାନେ ରହୁଥିଲେ ।ଏହି ଅଗ୍ନିକାଣ୍ଡରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ୨୭ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ନିଆଁ ଲାଗି ବାଇକ୍ ଓ କାର୍ ମଧ୍ୟ ପୋଡି ପାଉଁଶ ହୋଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଦିଲ୍ଲୀର ବିବେକ ବିହାରରେ ଗତ ରବିବାର ଭୋରରେ ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ଦେ ବର୍ଷର ଶିଶୁ ଅଛନ୍ତି। 'ଏସି'ରେ ବିସ୍ଫୋରଣ ଘଟି ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି।

# ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ - ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୬।୫(ମହାଭାରତ): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଂଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ମଙ୍ଗଳବାର ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍ ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଆଗାମୀ ଦିନରେ ଶିଳ୍ପ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି ।କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଂଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। "ଫର୍ମ ଆଇଆଇଟିଏମ ଫର୍ ଭାରତ. ବଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

## ପଥର ଖୋଲରେ ଫସିଲା ନାବାଳକ

ନୟାଗଡ଼,୬।୫(ମହାଭାରତ): ମହୁ ଆଣିବା ବେଳେ ପଥର ଖୋଲରେ ଫସି ଯାଇଥିବା ନାବାକଳ ଜଣଙ୍କ ଶେଷରେ ଉଦ୍ଧାର ହୋଇଛନ୍ତି। ଦୀର୍ଘ ୯ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଉଦ୍ଧାର ଟିମ ସୁରକ୍ଷିତ ଭାବେ ପଥର ସନ୍ଧିରୁ ନାବାଳକଙ୍କୁ ଉଦ୍ଧାର କରିଛନ୍ତି ।ପଥର ଖୋଲରେ ନାବାଳକଙ୍କ ମୁଣ୍ଡ ଫସି ଯାଇଥିବା ବେଳେ ତାଙ୍କ ଶରୀରର ବାହାରେ ରହିଥିଲା। ସେହି ଅବସ୍ଥାରେ ସେ ୯ ଘଣ୍ଟା କାଳ ରହିବା ପରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଉଦ୍ଧାରକାରୀ ଟିମ ପାହାଡ ଉପରକୁ ଯାଇ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ନୟାଗଡ଼ ଜିଲ୍ଲାର କାଣିପଦା ଜଙ୍ଗଲ ଅଞ୍ଚଳରେ ଏକ ଘଟଣା ଘଟିଛି।

ଆଜି ସକାଳେ ମହୁ ସଂଗ୍ରହ ପାଇଁ ଓଡଗାଁ ବାଉଁଶଗାଡିଆ ଅଞ୍ଚଳର ଜଙ୍ଗଲକୁ ଯାଇଥିଲେ ଜଣେ ନାବାଳକ। ସେଠାରେ ଥିବା ପଥର ଖୋଲରୁ ସେ ମହୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଖୋଲ ଭିତରେ ତାଙ୍କ ମୁଣ୍ଡ ଫସିଯାଇଥିଲେ। ନାବାଳକଙ୍କର ମୁଣ୍ଡ ପଥର ଖୋଲରେ ଅଟକି ଯିବାରୁ ସେ ବାହାରି ପାରି ନଥିଲେ। ଏନେଇ ସ୍ଥାନୀୟ ଲୋକ ଜାଣିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଖବର ପାଇ ନୟାଗଡ଼ ଓ ଓଡଗାଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ସଂକୀର୍ଣ୍ଣ ପଥର ଖୋଲରେ ମୁଣ୍ଡ ଅଟକିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇପଡ଼ିଥିଲା। ଘଟଣାସ୍ଥଳରେ ଭୟ ଓ ଉତ୍ତେଜନାର ପରିବେଶ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ନାବାଳକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା ଆରମ୍ଭ କରିଥିଲେ। ଏସବୁ ଭିତରେ ଅଗ୍ନିଶମ କର୍ମଚାରୀମାନେ ବେଶ ସତର୍କତାର ସହିତ ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ସେମାନେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରିଥିଲେ। ଭୁବନେଶ୍ୱରେ ଥିବା କଣ୍ଟ୍ରୋଲ ରୁମ ନିର୍ଦ୍ଦେଶରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

# ବିଚାରପତିଙ୍କ ସଂଖ୍ୟା ୩୭ କୁ ବୃଦ୍ଧି

ନୂଆଦିଲ୍ଲୀ,୬।୫(ପିଆଇବି); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି, ଯାହା ଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ଟି ବୃଦ୍ଧି କରାଯାଇ ବର୍ତ୍ତମାନର ୩୩ରୁ ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) କରାଯାଇପାରିବ।



ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬ ରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ ବୃଦ୍ଧି ପାଇ ଅର୍ଥାତ୍ ୩୩ ରୁ ୩୭ କୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) ।ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ସୁପ୍ରିମକୋର୍ଟ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ଏବଂ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିପାରିବେ ।ବିଚାରପତି ଏବଂ ସହାୟକ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ଉପରେ ଖର୍ଚ୍ଚ ଭାରତର ସଞ୍ଚିତ ପାଣ୍ଠିରୁ ପୂରଣ କରାଯିବ। ଭାରତୀୟ ସମ୍ବିଧାନର ଧାରା ୧୨୪ (୧) ରେ କୁହାଯାଇଛି ଯେ, "ଭାରତର ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଏକ ସର୍ବୋଚ୍ଚ ନ୍ୟାୟାଳୟ ଗଠିତ ହେବ ଏବଂ ସଂସଦରେ ଯେ ପର୍ଯ୍ୟନ୍ତ ଆଇନ ଦ୍ୱାରା ଅଧିକ ସଂଖ୍ୟା ନିର୍ଦ୍ଧାରଣ ନକରିଛନ୍ତି, ସାତ ଜଣରୁ ଅଧିକ ଅନ୍ୟ ବିଚାରପତି ହୋଇପାରିବେ ନାହିଁ ।"

ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୯୫୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ ୧୯୫୬ ମାଧ୍ୟମରେ ଏକ ଅଧିନିୟମ ପ୍ରଣୟନ କରାଯାଇଥିଲା। ଏହି ଆଇନର ଧାରା ୨ ଅନୁଯାୟୀ ସର୍ବାଧିକ ୧୦ ଜଣ ବିଚାରପତି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) ରହିବେ। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୬୦ ଦ୍ୱାରା ୧୩କୁ ଏବଂ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୭୭ ଦ୍ୱାରା ୧୭କୁ ବୃଦ୍ଧି କରାଯାଇଥିଲା। ୧୯୭୯ ମସିହା ଶେଷ ସୁଦ୍ଧା ଭାରତର ପ୍ରଧାନ ବିଚାରପତିଙ୍କ ଅନୁରୋଧ କ୍ରମେ ଏହି ପ୍ରତିବନ୍ଧକ ପ୍ରତ୍ୟାହାର କରାଯିବା ପର୍ଯ୍ୟନ୍ତ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟ କ୍ଷମତା, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ, କ୍ୟାବିନେଟ ଦ୍ୱାରା ୧୫ ଜଣ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଥିଲା। ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୮୬ ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟାକୁ ୧୭ ରୁ ୨୫ କୁ ବୃଦ୍ଧି କରିଥିଲା।

# ମଦମୃତ୍ୟୁ ଦଣ୍ଡର ସୂଚନା ନାହିଁ

କଟକ,୬।୫(ମହାଭାରତ): କଟକ ମଦମୃତ୍ୟୁ ଦୁର୍ଘଟଣାର ୩୪ବର୍ଷ ପୂରିବାକୁ ଯାଉଥିବାବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କି ପ୍ରକାର ଦଣ୍ଡବିଧାନ କରାଗଲା ତାହା କ୍ଷତିଗ୍ରସ୍ତ ପରିବାର ଏବଂ ଏ ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିଥିବା ବ୍ୟକ୍ତିମାନଙ୍କୁ ଜଣାନାହିଁ । ଠାରେ ଉଲ୍ଲେଖନୀୟ ଯେ ୧୯୯୨ ମସିହା ମଇ ମାସ ପ୍ରଥମ ସପ୍ତାହରେ କଟକରେ ଭୟଙ୍କର ମଦମୃତ୍ୟୁ ଦୁର୍ଘଟଣା ଘଟିଥିଲା । ଏଥିରେ ଶତାଧିକ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ସହସ୍ରାଧିକ ପଙ୍ଗୁ ହୋଇଯାଇଥିଲେ ଏବଂ ଆକ୍ରାନ୍ତଙ୍କ ମଧ୍ୟରୁ ଅନେକଙ୍କର ପରେ ମୃତ୍ୟୁ ଘଟିଥିବାରୁ ବାସ୍ତବରେ କଟକ ମଦମୃତ୍ୟୁ ଜନିତ ମୃତ୍ୟୁସଂଖ୍ୟା ୫ଶହରୁ ଅଧିକ ହେବ ବୋଲି କୁହାଯାଏ ।

ଏହି ଭୟଙ୍କର ମଦମୃତ୍ୟୁ ଦୁର୍ଘଟଣାରେ ଭୁବନେଶ୍ୱରରେ ବି କିଛି ଲୋକ ମରିଥିଲେ । ଏହି ମଦମୃତ୍ୟୁର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁରେନ୍ଦ୍ର ନାଥ ଦାସ ଓରଫ ବେଲୁକୁ ବହୁ ବିଳମ୍ବରେ ନାଟକୀୟ ଭାବେ କଲିକତାରୁ କଟକ ପୁଲିସ୍ ଗିରଫ କରିଥିଲା ବୋଲି କୁହାଯାଏ ।କଟକ ମଦମୃତ୍ୟୁ ଘଟଣା ପରେ କଟକ ସମେତ ସାରା ଓଡିଶାରେ ମଦ ବିରୋଧି ଆନ୍ଦୋଳନ ତେଜିଥିଲା ଏବଂ ଏଥିରେ ଦଳ ମତ ନିର୍ବିଶେଷରେ ବିଭିନ୍ନ ସଂଗଠନ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହାର



ପ୍ରଭାବରେ ସେତେବେଳର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କଟକ ସହରରେ ସବୁ ମଦ ଦୋକାନ ବନ୍ଦ କରିଦେବା ସହିତ ଦେଶୀ ଓ ମହୁଲି ମଦ ଉପରେ ବି ରାଜ୍ୟର ବିଭିନ୍ନ ଜିଲ୍ଲାରେ କଟକଣା ଲଗାଇଥିଲେ । ଅବଶ୍ୟ ପରବର୍ତ୍ତୀ ସରକାରରେ ଏହି କଟକଣା ଉଠାଇ ନିଆଯାଇଥିଲା ।

ଏହି ମଦମୃତ୍ୟୁ ପ୍ରସଙ୍ଗରେ ସେତେବେଳେ ଗାନ୍ଧୀ ସ୍ମାରକନିଧିର ସମ୍ପାଦକ ଲେଖିଥିବା ଏକ ଚିଠିକୁ ଓଡିଶା ହାଇକୋର୍ଟ ଜନସ୍ୱାର୍ଥ ସମ୍ବଳିତ ମାମଲା ଭାବେ ଗ୍ରହଣ କରିଥିଲେ ଏବଂ ଆଉ ଦୁଇଜଣ ଓକିଲ ମଧ୍ୟ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ଓଡିଶା ହାଇକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗର ବିଚାର କରି ମୃତାହତ ପରିବାରକୁ କ୍ଷତିପୂରଣ ପ୍ରଦାନ ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସଂଗେ ସଂଗେ ଆଉ କେତେକ ଟିପ୍ପଣୀ ଦେଇଥିଲେ । ଏହା ବିରୁଦ୍ଧରେ ଓଡିଶା ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ ।

ପରବର୍ତ୍ତୀ ସମୟରେ ଅପରାଧିକ ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ହାତରେ ନ୍ୟସ୍ତ କରାଯିବା ସହିତ ବିଧାନସଭାରେ ପ୍ରସ୍ତାବଆଣି ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ କମିଶନ ବସାଯାଇଥିଲା । ସେତେବେଳର କେନ୍ଦ୍ରାଞ୍ଚଳ ଆରଡିସି ବି ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ । ଉଭୟ ରିପୋର୍ଟ ବିଧାନସଭାରେ ମଧ୍ୟ ଉପସ୍ଥାପନ କରାଯାଇଥିଲା ।

କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ ଖାକି ପୋଷାକ ପରିହିତ କେତେକ ପୁଲିସ୍ ଓ ଅବକାରୀ କର୍ମଚାରୀ ଚୋରା ମଦ ବେପାରୀର ପୋଷା କୁକୁର ଭଳି କାମ କରୁଥିଲେ । କେନ୍ଦ୍ରାଞ୍ଚଳ ଆରଡିସି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ ଚୋରା ମଦ ବେପାରୀ ଠାରୁ ଥାନା ଫାଣ୍ଡି ଠାରୁ ଆରମ୍ଭ କରି ଶାସନ ଚଳାଉଥିବା ବ୍ୟକ୍ତିବିଶେଷ ବଟି ନେଉଥିଲେ । ଜଷ୍ଟିସ ବେହେରା କମିଶନ ତାଙ୍କ ସୁଦୀର୍ଘ ରିପୋର୍ଟରେ ଏହି ଘଟଣା ଅପରାଧର ରାଜୀନତିକରଣ ଓ ରାଜନୀତିର ଅପରାଧିକରଣ ବୋଲି ଉଲ୍ଲେଖ କରଥିଲେ । ଏହିସବୁ ରିପୋର୍ଟ ଉପରେ ଏଯାବତ୍ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହା କୌଣସି ବିଭାଗ ସ୍ପଷ୍ଟଭାବେ କହିପାରୁ ନାହାନ୍ତି । ୩୪ବର୍ଷ ତଳର ଏହି ଲୋମହର୍ଷଣକାରୀ ନରସଂହାର ସଂକ୍ରାନ୍ତରେ ଯେଉଁମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହୋଇଥିଲା ସେମାନଙ୍କ ଭିତରୁ କେଉଁମାନଙ୍କୁ ଦଣ୍ଡିତ କରାଯାଇଛି ଓ କେଉଁମାନେ ଖଲାସ ହୋଇଛନ୍ତି ସେଥିଘେନି ମଧ୍ୟ କର୍ତ୍ତୃପକ୍ଷ କିଛି ନିର୍ଦ୍ଦିଷ୍ଟ ଦେଇପାରୁ ନାହାନ୍ତି ।

## ଆୟରୁ ଅଧିକ ସଂପତି ମାମଲାରେ ରାୟଗଡାରେ ପୂର୍ବତନ ଶିକ୍ଷକ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୬।୫(ମହାଭାରତ); ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ହାଇସ୍କୁଲ, ଡୁକୁମ, ବିଷମକଟକ (ରାୟଗଡ଼ା)ର ଅବସରପ୍ରାପ୍ତ ଶିକ୍ଷକ ଉନ୍ନା ରାଜେନ୍ଦ୍ର ରାଓଙ୍କୁ ଆୟରୁ ଅଧିକ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ଏହି ରାୟ ଆଜି ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଜୟପୁର କୋର୍ଟଙ୍କ ଦ୍ୱାରା ଘୋଷିତ ହୋଇଛି। ଏହି ମାମଲା ଦୁର୍ନୀତି ନିବାରଣ ଅଧିନିୟମ, ୧୯୮୮ର ବିଭିନ୍ନ ଧାରା ଅଧୀନରେ ରେଜିଷ୍ଟର ହୋଇଥିଲା। ଅଦାଲତ ତାଙ୍କୁ ଆୟଠାରୁ ଅଧିକ ସମ୍ପତ୍ତି ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି।

ରାୟ ଅନୁସାରେ କୋର୍ଟ ତାଙ୍କୁ ଦୁଇ ବର୍ଷର କଠୋର କାରାଦଣ୍ଡ ଦେଇଛନ୍ତି ଏବଂ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଲାଗୁ କରିଛନ୍ତି।

ଏହି ମାମଲାର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଇଥିଲା, ଯେଉଁଥିରେ ସେବାକାଳ ସମୟରେ ତାଙ୍କ ବୈଧ ଆୟଠାରୁ ଅଧିକ ସମ୍ପତ୍ତି ସଂଗ୍ରହ କରିଥିବାର ପ୍ରମାଣ ମିଳିଥିଲା।

ଦୋଷୀ ସାବ୍ୟସ୍ତ ହେବା ପରେ ଓଡିଶା ଭିଜିଲାନ୍ସ କହିଛି ଯେ ସେମାନେ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଦୋଷୀ ପୂର୍ବତନ କର୍ମଚାରୀଙ୍କ ପେନ୍ସନ ବନ୍ଦ କରିବା ପାଇଁ ପଦକ୍ଷେପ ନେବେ।

## 'ଫୁଲକୋବି କ୍ଷିରି'

**ପରିବାରୁ ବି ହୋଇପାରେ କ୍ଷିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ 'ଫୁଲକୋବି କ୍ଷିରି'।



••••• ଖବର •••••

## ସୋହମ ଶାହଙ୍କ 'ତୁମ୍ବାଡ ୨' ଫିଲ୍ମରେ ଆଲିଆ ଭଟ୍ଟଙ୍କ ଏଣ୍ଟ୍ରି



ସୋହମ ଶାହଙ୍କ 'ତୁମ୍ବାଡ ୨' ଏବେ ଚର୍ଚ୍ଚାରେ ରହିଛି । ଏହାରି ମଧ୍ୟରେ ଫିଲ୍ମ ନିର୍ମାତା ଫିଲ୍ମ ସୁଟିଂ ଆରମ୍ଭ ହେବାକୁ ନେଇ ନିକଟରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହି ପୋଷ୍ଟ ସେୟାର ହେବା ପରେ ''ତୁମ୍ବାଡ''କୁ ଅପେକ୍ଷା କରିଥିବା ପ୍ରଶଂସକଙ୍କ ଉତ୍ସାହକୁ ବଢାଇ ଦେଇଛି । ପୂର୍ବ ଅପେକ୍ଷା ଏଥର ଫିଲ୍ମଟି ରୋମା□କର ଏବଂ ଭୟଙ୍କର ହେବ ବୋଲି ନିର୍ମାତା ଏହି ପୋଷ୍ଟ ସେୟାର କରି ଦର୍ଶକଙ୍କୁ ଇସାରା ଦେଇଛନ୍ତି ।ଏହି ଫିଲ୍ମ ପାଇଁ ପ୍ରିୟଙ୍କା ଚୋପ୍ରା, କ୍ୟାଟ୍ରିନା କୈଫ ଏବଂ ନୟନତାରା ଭଳି ବଡ଼ ନାମ ଚର୍ଚ୍ଚାରେ ଥିବାବେଳେ ଏବେ ଏକ ଅପଡେଟ୍ ସାମ୍ନାକୁ ଆସିଛି । 'ତୁମ୍ବାଡ ୨'ରେ ନଜର ଆସିବେ ଆଲିଆ ଭଟ୍ଟ । ଆଲିଆଙ୍କୁ ଦମଦାର କ୍ୟାମିଓ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ଯଦିଓ ଫିଲ୍ମରେ ତାଙ୍କର ସ୍କ୍ରିନ୍ ସମୟ କମ୍ ହେବ ତଥାପି ଫିଲ୍ମରେ ଅଭିନେତ୍ରୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହେବ ।ଏଥିସହ ଏପରି ଅଭିନେତ୍ରୀ ନିର୍ମାତାଙ୍କର ଆବଶ୍ୟକତା ଥିଲା ।ଯିଏ କମ ସ୍କ୍ରିନ୍ ସମୟ ସହିତ ମଧ୍ୟ ତାଙ୍କ ଉପସ୍ଥିତି ସହିତ ଗଭୀର ପ୍ରଭାବ ଏବଂ ରହସ୍ୟ ସୃଷ୍ଟି କରିପାରିବେ । ତେଣୁ ଆଲିଆ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି । ଏହା ବ୍ୟତୀତ ଫିଲ୍ମ ପାଇଁ ମାଧ ଆଇଲ୍ୟାଣ୍ଡରେ ସୁଟିଂ ସେଟ୍ ନର୍ମାଣ କରାଯାଇଛି । ଏହି ଫିଲ୍ମର ସୁଟିଂ ମେ ୩ ରୁ ଆଲିଆ ଆରମ୍ଭ କରିସାରିଛନ୍ତି । ଏହି ଫିଲ୍ମଟି ୩ ଡିସେମ୍ବର ୨୦୨୭ରେ ରିଲିଜ ହେବ ବୋଲି ଏକ ରିପୋର୍ଟ ସୂଚନା ମିଳିଛି ।ଯଦି ଆଲିଆ ଭଟ୍ଟଙ୍କ କାମ କଥା କୁହାଯାଏ ତେବେ ସେ ଖୁବଶୀଘ୍ର 'ଆଲଫା' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମରେ ଆଲିଆଙ୍କୁ ଭିକି କୌଶଳ ଏବଂ ରଣବୀର କପୁରଙ୍କ ସହ ଦେଖିବାକୁ ପାଇବେ ଦର୍ଶକ ।

## ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

## କଦଳୀ ବୃକ୍ଷକୁ କରନ୍ତୁ ପୂଜା

ଗୁରୁବାର ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ଏପରି କାର୍ଯ୍ୟ ରହିଛି ଯାହାକୁ କରିବା ଅନୁଚିତ। ସେହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ଜାତକରେ ପ୍ରଭାବ ପଡ଼ିଥାଏ, ଯାହା ଦ୍ୱାରା ଜୀବନରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଜାଣନ୍ତୁ...

ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ମହିଳା ନିଜ କେଶ ସଫା କରିବା ଉଚିତ ନୁହେଁ। କେଶ କାଟିବା ଉଚିତ ନୁହେଁ, ଏପରି କାର୍ଯ୍ୟ କରିବା ଦ୍ୱାରା ଜାତକରେ ବୃହସ୍ପତି ଦୁର୍ବଳ ହୋଇଥାଅ ।ନ୍ତି, ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇଥାଏ। ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ।

ଗୁରୁବାର ଦିନ କଦଳୀ ଖାଇବା ଉଚିତ ନୁହେଁ। ଏହି ଦିନ କଦଳୀ ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ।



ଏହାସହ ଏହି ଦିନ ଘରେ ଅଧିକ ଓଜନିଆ ବସ୍ତ୍ର ଧୁଅନ୍ତୁ ନାହିଁ।

ପ୍ରତିଦିନ ଭଳି ଗୁରୁବାର ମଧ୍ୟ ଘରକୁ ସଫା କରନ୍ତୁ।

ଗୁରୁବାର ଦିନ ନଖ କାଟନ୍ତୁ ନାହିଁ। ଦାଢି ମଧ୍ୟ ବନାନ୍ତୁ ନାହିଁ। ଏପରି କରିବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ।

ଗୁରୁବାର ଦିନ କଦଳୀ ବୃକ୍ଷ ମୂଳରେ ଜଳ ଅର୍ପଣ କରନ୍ତୁ। ଦେଶୀ ଘିଅରେ ଦୀପ ଲଗାନ୍ତୁ। ଏପରି କରିବା ଦ୍ୱାରା ଶୀଘ୍ର ବିବାହ ହେବା ସହ ବିବାହରେ ଥିବା ସମସ୍ୟା ଦୂର ହୋଇଥାଏ।

ବୃହସ୍ପତିଙ୍କୁ ହଳଦିଆ ରଙ୍ଗକୁ ଅତିପ୍ରିୟ। ସେ ହଳଦିଆ ରଙ୍ଗର ପାଟବସ୍ତ୍ର ଧାରଣ କରନ୍ତି। ପୂଜାରେ ହଳଦୀ ବ୍ୟବହାର କରନ୍ତୁ। କେସର ଚନ୍ଦନ ଓ ହଳଦୀ ଦାନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତି ସର୍ବଦା ରହିଥାଏ।

## ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର

ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ଝୁଡି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।



ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ସଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିସ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନକୁ ଖାଲି କରନ୍ତୁ।

ଭ ଉକ୍ରଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ,



ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।

ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।

**ଘ**ରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାର୍ଇ କିଛି ନିର୍ଦ୍ଧିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଯଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି

## ଘର ସଜାଇବାର ଉପାୟ



ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।

ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟାଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟାଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ। ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିବା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

# ଐତିହାସିକ ବିଜୟ ଜନସେବା ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ

**ଭୁବନେଶ୍ୱର, ୬।୫ (ମହାଭାରତ):** ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ। ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ପରିବର୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଏହି ସଫଳତା ପ୍ରମାଣ କରୁଛି ଯେ, ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି। ଆମ ଦଳର ପ୍ରତ୍ୟେକ କର୍ମକର୍ତାଙ୍କ ନିଷ୍ଠା ଆଜି ଫଳପ୍ରଦ ହୋଇଛି। ଓଡିଶାର ମାଟିରୁ ଆରମ୍ଭ ହୋଇଥିବା ଆମର ଏହି ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ। ଆମେ କେବଳ ନିର୍ବାଚନ ଜିତିବାକୁ ଚାହୁଁନାହୁଁ, ବରଂ ପ୍ରତିଟି ମଣିଷର ହୃଦୟ ଜିତିବାକୁ ଚାହୁଁ। ରାଜନୀତିରେ ଜୟ ପରାଜୟ ଲାଗିରହେ, କିନ୍ତୁ ଜନସେବା ସର୍ବଦା ଜାରି ରହିବା ଉଚିତ। ଆମକୁ ଅଧିକ ନମ୍ରତାର ସହ ଲୋକଙ୍କ ନିକଟକୁ ଯିବାକୁ ହେବ। ବିଜୟର ଏହି ଗର୍ବ ଆମକୁ ଅହଂକାରୀ ନୁହେଁ, ବରଂ ଅଧିକ ଦାୟିତ୍ୱବାନ କରିବା ଦରକାର। ପଡୋଶୀ ରାଜ୍ୟଗୁଡିକରେ ଆମର ଏହି ସଫଳତା ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆଜିର ଏହି ବିଜୟ ଉତ୍ସବ ହେଉଛି ନୂଆ ସଂକଳ୍ପ ନେବାର ସମୟ। ଆମେ ଗରିବ, ଚାଷୀ ଓ ମହିଳାମାନଙ୍କ ସଶକ୍ତିକରଣ ପାଇଁ କାମ କରିବା। ପ୍ରତିଟି ଗାଁ ଓ ସହରରେ ବିକାଶର ଧାରାକୁ ପହଁଚାଇବା ଆମର ଲକ୍ଷ୍ୟ। ଆମେ ମିଳିମିଶି ଏକ ସମୃଦ୍ଧ ଭାରତ ଗଠନ କରିବା। ଓଡିଶା ଆଜି ସାରା ଦେଶକୁ ମାର୍ଗଦର୍ଶନ କରୁଛି। ଆମର କଲ୍ୟାଣକାରୀ



ଯୋଜନାଗୁଡିକ ଆଜି ଅନ୍ୟ ରାଜ୍ୟ ପାଇଁ ମଡେଲ ସାଜିଛି। ସେଥିପାଇଁ ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ଆମ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହି ବିଜୟ ହେଉଛି ଭରସାର ବିଜୟ ଏବଂ ବିଶ୍ୱାସର ବିଜୟ। ଆମେ କେବେ ବି ଲୋକଙ୍କ ବିଶ୍ୱାସ ତୁଟାଇବାକୁ ଦେବୁ ନାହିଁ। ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସିଧାସଳଖ ସେବାକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ବାର୍ତା ଏବେ କୋଣ ଅନୁକୋଣରେ ପହଁଚିସାରିଛି। ବିରୋଧୀଙ୍କ କୁତ୍ସାରଟନାକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସତ୍ୟ ଓ ନ୍ୟାୟର ସବୁବେଳେ ଜୟ ହୁଏ। ତାହା ଆଜି ପୁଣି ପ୍ରମାଣିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମାନ୍ୟବର ରାଜ୍ୟ ସଭାପତି ଓ ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଫଳ ନେତୃତ୍ୱ ଏବଂ ଜନକଲ୍ୟାଣ ନୀତି ଉପରେ ଅତୁଟ ବିଶ୍ୱାସ ରହିଛି, ଯାହା ଆଜି ବିଧାନସଭା ନିର୍ବାଚନର ଐତିହାସିକ ଫଳାଫଳରେ ପୁଣି ଥରେ ପ୍ରତିଫଳିତ ହୋଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର, ଆସାମରେ ଲଗାତାର ତୃତୀୟ ଥର ଏବଂ ପୁଡୁଚେରୀରେ ଦ୍ୱିତୀୟ ଥର ପାଇଁ ବିଜେପି ନେତୃତ୍ୱରେ ଏନଡିଏ ମେଂଟ ସରକାର ଗଠନ କରିବା ହେଉଛି ଏହି ବିଶାଳ ବିଶ୍ୱାସର ପରିଣାମ। ଏହି ଐତିହାସିକ ବିଜୟ ପାଇଁ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ରାଜ୍ୟର ସମସ୍ତ ଉତ୍ସର୍ଗୀକୃତ ନେତୃତ୍ୱ, କଠିନ ପରିଶ୍ରମୀ କାର୍ଯ୍ୟକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ତଥା ମାର୍ଗଦର୍ଶନରେ ପଶ୍ଚିମବଙ୍ଗ ସୁରକ୍ଷା, ସମୃଦ୍ଧତା ଏବଂ ଉତମ ଶାସନ ଉପରେ ଲୋକମାନେ ନିଜର ଆର୍ଶୀବାଦ ଅଜାଡିଛନ୍ତି। ପଶ୍ଚିମବଙ୍ଗରେ ଦୀର୍ଘ ଦିନ ଧରି ବାମପନ୍ଥୀ ଏବଂ ତୃଣମୁଳ କଂଗ୍ରେସର କୁଶାସନକାଳ ରାଜ୍ୟର ବିକାଶକୁ ନିମ୍ନଗାମୀ କରିଥିଲା। ଆଜି ପଶ୍ଚିମବଙ୍ଗରେ ବିକାଶର ନୂତନ ବାଟ ଫିଟିଛି। ଭୟଯୁକ୍ତ ଶାସନର କଳା ଅନ୍ଧକାର ଦୂର ହୋଇ ଭୟମୁକ୍ତ ଶାସନ ସହ ଉନ୍ନତିର ନୂତନ ଆଲୋକ ପ୍ରତିଫଳିତ ହେବାକୁ ଯାଉଛି। ସେହିପରି ଆସାମ ଓ ପୁଡୁଚେରୀରେ ବିପୁଳ ବିଜୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାଦାୟୀ ନେତୃତ୍ୱ ଏବଂ ବିଜେପି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ସ୍ୱଚ୍ଛ ଶାସନ ଓ ପ୍ରଶାସନକୁ ପ୍ରତିଫଳିତ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ୱଚ୍ଛ ଶାସନ ଉପରେ ଭରସା କରି ପୁଡୁଚେରୀରେ ମଧ୍ୟ ବିଜେପି–ଏନଡିଏ ମେଂଟକୁ ବିପୁଳ ଜନ ସମର୍ଥନ ମିଳିଛି। ଅଙ୍ଗ, କଳିଙ୍ଗ ପରେ ବଙ୍ଗ ବିଜୟ ପାଇଁ ମୋଦିଜୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ପୂରଣ ହୋଇଛି।

# କମିଶନରେଟ୍ ପୋଲିସ୍ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର,୬।୫ (ମହାଭାରତ):** କମିଶନରେଟ୍ ପୋଲିସ୍ ପରିବାର ପକ୍ଷରୁ ୧୮ ଜଣ ଅବସରପ୍ରାପ୍ତ ପୋଲିସ କର୍ମୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସର ନେଇଥିବା କର୍ମଚାରୀମାନେ ହେଲେ ଭୁବନେଶ୍ୱରର ୟୁପିଡି ପୋଲିସ ଇନ୍ସପେକ୍ଟର – ମାଧବାନନ୍ଦ ବସ୍ତିଆ , ଏସ୍.ଆଇ – ଶୁଭ୍ରାଂଶୁ ଶେଖର ସାମନ୍ତରାୟ , ଏସ୍.ଆଇ – ଅଭିମନ୍ୟୁ ଚୌଧୁରୀ , ଏମ.ଟି.ଏସ୍.ଆଇ. – ପ୍ରଦୀପ କୁମାର ମହାନ୍ତି , ଏ.ଏସ୍.ଆଇ. – ବୀରକିଶୋର ସାହୁ, ଏ.ଏସ୍.ଆଇ. – ବିଜୟ କୁମାର ଦାସ, କନେଷ୍ଟବଳ – ଶତ୍ରୁଘ୍ନ ସିଂହ। ସେହିପରି କଟକ ୟୁପିଡି ପୋଲିସ ଇନ୍ସପେକ୍ଟର – ରଘୁନାଥ ସ୍ୱାଇଁ , ଏ.ଏସ୍.ଆଇ. – ପ୍ରଦୀପ କୁମାର ବେହେରା, ହାବିଲଦାର – ସୁଦର୍ଶନ ତରାଇ, କନେଷ୍ଟବଳ – ଗୋଲେଖ ଚନ୍ଦ୍ର ସ୍ୱାଇଁ, କନେଷ୍ଟବଳ – ବିଜୟ କୁମାର ନାୟକ, ସିପାହୀ– ବିଚିତ୍ରାନନ୍ଦ ରାଉତରାୟ, ସିପାହୀ– ରାମଦାସ ମୁର୍ମୁ , ସିପାହୀ– ବାବୁଲି କୁମାର ନାୟକ, ସିପାହୀ– ଜଳଧର ଜେନା, ସିପାହୀ– ପଥେଶ୍ୱର ଅମନ୍ତା ଏବଂ ସିନିଅର କ୍ଲର୍କ – ଶ୍ରୀମତୀ ରଞ୍ଜିତା ପଣ୍ଡା। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀଙ୍କର ଅବସର ଜୀବନ ନିରୋଗ, ସ୍ୱାସ୍ଥ୍ୟମୟ ଏବଂ ଶାନ୍ତିପୂର୍ଣ୍ଣ ହେଉ। ଜୀବନର ଏହି ଦ୍ୱିତୀୟ ପାଳି ସେମାନଙ୍କ ପାଇଁ ଢେର ସାରା ଖୁସି ଓ ସମୃଦ୍ଧି ନେଇ ଆସୁ ବୋଲି କାମନା କରିଥିଲେ।

# ବଢିଚାଲିଛି ବାଲି ମାଫିଆଙ୍କ ଆତଙ୍କରାଜ

**ଭୁବନେଶ୍ୱର, ୬।୫ (ମହାଭାରତ):** ରାଜ୍ୟରେ ଦିନକୁ ଦିନ ବାଲି ଚୋରା ଚାଲାଣ ବଢିବାରେ ଲାଗିଛି। କେଉଁଠି ତହସିଲଦାରଙ୍କୁ ଆକ୍ରମଣ ହେଲାଣି ତ କେଉଁଠି



କର୍ତ୍ତବ୍ୟରତ ପୋଲିସ ଅଫିସରଙ୍କୁ ଗାଡି ଚଢାଇ ଜୀବନରୁ ମାରିଦେଲେଣି। ରାଜ୍ୟରେ ବାଲି ଚୋରା ଚାଲାଣର କାୟା ଦିନକୁ ଦିନ ବଢିବାରେ ଲାଗିଛି। ବାଲି ମାଫିଆମାନେ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ଯେଉଁଭଳି ଅପରାଧମାନ ସଂଗଠିତ କରୁଛନ୍ତି ତାହା ରାଜ୍ୟ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ନଗ୍ନ ରୂପ ଦର୍ଶାଉଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଂଜୟ ଦାସବର୍ମା, ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଛନ୍ତି ଯେ, ଗତ ଦୁଇ ତାରିଖରେ ସାକ୍ଷୀଗୋପାଳ ନିର୍ବାଚନମଣ୍ଡଳୀ କଣାସ ଥାନା ଅନ୍ତର୍ଗତ ଗୋଲବଜାରରେ ସକାଳ ୮ଟା ବେଳେ ବାଲି ମାଫିଆମାନେ ସର୍ବସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ପନିକିରେ ହାଣି ମଟରସାଇକେଲ ଚଢାଇ ହତ୍ୟା ଉଦ୍ୟମ କରିଥିଲେ। ଯେଉଁଥିରେ ସାଧାରଣ ଲୋକ ଅତ୍ୟନ୍ତ ଭୟଭିତ ହେବା ସହ ରାଜ୍ୟ ସରକାରଙ୍କ ପୋଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି।

ରାଜ୍ୟରେ ବାଲି ମାଫିଆମାନେ ବିଗତ ଦିନରେ କଟକରେ ପୋଲିସ କର୍ମଚାରୀଙ୍କୁ ଗାଡି ଚଢାଇ ହତ୍ୟା କରିଥିଲେ। ସେହିପରି ବ୍ୟାସନଗର ଅତିରିକ୍ତ ତହସିଲଦାରଙ୍କୁ ଗାଡି ଚଢାଇ ହତ୍ୟା ଉଦ୍ୟମ କରିବା, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର, ଆନନ୍ଦପୁର ତହସିଲ କର୍ମଚାରୀଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିବା ଦୁର୍ଭାଗ୍ୟଜନକ। ବିଜେପି ଶାସିତ ଉତ୍ତର ପ୍ରଦେଶ ଓ ବିହାରରେ ଯେଉଁଭଳି ଭାବେ ଅପରାଧୀମାନେ ଆଇନ ବ୍ୟବସ୍ଥାକୁ 'ଫୁ' କରି ଅପରାଧମାନ ସଂଗଠିତ କରୁଛନ୍ତି, ସେହିଭଳି ବିଜେପି ଓଡିଶାରେ ଶାସନ ଭାରକୁ ଆସିଲା ପରେ ରାଜ୍ୟରେ ବାଲି ମାଫିଆମାନେ ଅନୁରୂପ ଆତଙ୍କରାଜ ଚଳାଉଛନ୍ତି।

# ଶିକ୍ଷା ହେଉଛି ଜାତି ଗଠନର ଶକ୍ତିଶାଳୀ ଉପକରଣ: ରାଜ୍ୟପାଳ

**ଭୁବନେଶ୍ୱର, ୬।୫ (ମହାଭାରତ):** ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଦିନ ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏନଇପି ୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୂକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ୱଷ୍ଟ ମାର୍ଗଦର୍ଶକ। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ।



ଏହି କର୍ମଶାଳାକୁ ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ। ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି।

କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଏବଂ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏତତବ୍ୟତୀତ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଉଚ୍ଚଶିକ୍ଷାରେ ପ୍ରମୁଖ ସଂସ୍କାର ଆଣିଛି। ଉଚ୍ଚଶିକ୍ଷାରେ ସମାନତାକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷକ କ୍ୟାଡର ସଂରକ୍ଷଣ ଆଇନକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଦକ୍ଷତା ବିକାଶ, ଉଦ୍ୟମିତା ଏବଂ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ଯୁବପିଢ଼ିଙ୍କୁ କେବଳ ଚାକିରି ଖୋଜିବା ପାଇଁ ନୁହେଁ ବରଂ ନବସୃଜନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ ସଶକ୍ତ କରିବା ଉଚିତ।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୬।୫ (ମହାଭାରତ):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୭୯ ତମ ପ୍ରତିଷ୍ଠା ଦିବସ ରାଜ୍ୟ ଶାଖା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଡ. ରାମଚନ୍ଦ୍ର ଖୁଂଟିଆ ସଭାପତିଙ୍କ ନେତୃତ୍ୱରେ ପାଳନ କରାଯାଇଛି। ଡ. ଖୁଂଟିଆ ପତାକା ଉତୋଳନ କଲାପରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତାଙ୍କୁ ନେଇ ଏକ ଆଲୋଚନା ଚକ୍ର ମଧ୍ୟ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରରେ ଡ. ଖୁଂଟିଆ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରତିଷ୍ଠା ସମ୍ବନ୍ଧରେ ଉଦ୍‌ବୋଧନ ଦେବା ପରିପ୍ରେକ୍ଷିରେ କହିଥିଲେ ଯେ, ୧୯୪୭ ମସିହା ମେ ମାସ ତାରି ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବରେ ଗଠନ ହୋଇଥିଲା। ଜାତୀୟପିତା ମହାତ୍ମାଗାନ୍ଧୀଙ୍କ ପ୍ରେରଣା ଓ ଆଦର୍ଶରେ ତଥା ଦେଶର ବରିଷ୍ଠ ନେତା ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଗୁଲୁଜାରୀଲାଲ ନନ୍ଦା, ସୁରେଶ ବାନାର୍ଜୀ ଓ ଓଡ଼ିଶାର ତତ୍କାଳୀନ ପ୍ରତିଷ୍ଠିତ ନେତା



ଡ. ହରେକୃଷ୍ଣ ମହତାବଙ୍କ ସମେତ ବାବୁ ଜଗଜୀବନରାମ, ଡଃ ଅରୁଣା ଆସଫାଲ୍ଲି, ରାମମନୋହର ଲୋହିଆ, ବି.ଡି. ଆମ୍ବେଦକର, ଗୋପାଳନାମାନୁଜମ୍ ପ୍ରଭୃତିଙ୍କୁ ଉକ୍ତ ଆଲୋଚନାରେ ଉପସ୍ଥିତ ଥିଲେ। ପ୍ରାରମ୍ଭରୁ କଂଗ୍ରେସ ଦଳର ସଭାପତି ଏଆଇଟିୟୁସିର ସଭାପତିଭାବେ କାର୍ଯ୍ୟକରୁଥିଲେ। ୧୯୪୨ ରୁ ୧୯୪୫ ମସିହା ମଧ୍ୟରେ ମହାତ୍ମାଗାନ୍ଧୀଙ୍କୁ କର ବା ମର ଭାରତଛାଡ ଆନ୍ଦୋଳନରେ ଉପରୋକ୍ତ ନେତାମାନେ ଜେଲବରଣ କଲାପରେ ଏଆଇଟିୟୁସି ସଂପୂର୍ଣ୍ଣ ଭାବେ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ରହିଲା। ତେଣୁ ୧୯୪୭ ମସିହା ମେ'୩ତାରିଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନୂତନ ରୂପ ରେଖ ନେଇ ପ୍ରତିଷ୍ଠା ହୋଇଥିଲା।

ଏହି ଦିବସକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସତ୍ୟ, ଅହିଂସା ଓ ଶାନ୍ତିପୂର୍ଣ୍ଣ ସଂଗଠନକୁ ବିଶ୍ୱାସ କରେ ଏବଂ କାର୍ଯବନ୍ଦ ଆନ୍ଦୋଳନକୁ ଶେଷ ଅସ୍ତ୍ର ବୋଲି ଗ୍ରହଣ କରେ। ସମଗ୍ର ଭାରତ ବର୍ଷରେ ଆଇଏନ୍‌ଟିୟୁସିର ବଳିଷ୍ଠ ନେତୃତ୍ୱରେ ଆଜି ଆଇଏନ୍‌ଟିୟୁସି ଟ୍ରେଡ ୟୁନିଅନ ମାନଙ୍କ ମଧ୍ୟରେ ସର୍ବାଗ୍ରେ ସ୍ଥାନ ଗ୍ରହଣ କରିଛି। ଖଟିଖିଆ ଦିନମଜୁରିଆ ମାନଙ୍କ ପାଇଁ ୧୯୯୬ ମସିହାରେ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ନରସିଂହରାଓଙ୍କ ସ୍ୱୀକୃତି କ୍ରମେ ଦେଶରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପ୍ରତିଷ୍ଠା ମଧ୍ୟ କରାଯାଇଥିଲା। ଆଜି ଏହାର ପୁଞ୍ଜିମାଧ୍ୟମରେ ଲକ୍ଷ ଲକ୍ଷ ନିର୍ମାଣ ଶ୍ରମିକ, ସାମାଜିକ ସୁରକ୍ଷା ପ୍ରାପ୍ତ କରୁଥିବା ସହିତ ବିଭିନ୍ନ ମୃତ୍ୟୁକାଳୀନ ଅର୍ଥଧନ ମଧ୍ୟ ପ୍ରାପ୍ତ କରୁଛନ୍ତି। ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସମଗ୍ର ଦେଶର ନେତୃତ୍ୱର ଅଗ୍ରରେ ରହି ସାମୁହିକ ଭାବେ ଖଟିଖିଆ ଦିନମଜୁରିଆଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଉପସ୍ଥିତି ସଦସ୍ୟ ମାନଙ୍କୁ ଆଗାମୀ ଦିନରେ ଓଡ଼ିଶା ରାଷ୍ଟ୍ରୀୟ କଂଗ୍ରେସକୁ ଆହୁରି ସୁଦୃଢ଼ କରିବା ସହିତ ଏହାର ସଦସ୍ୟ ସଂଖ୍ୟାକୁ ୧ କୋଟିରେ ପହଂଚାଇବାକୁ ପରାମର୍ଶ ଦେଇଥିଲେ।

# ହୃତପିଣ୍ଡର ମହାଧମନୀ ସହ ୩ ଭାଲଭ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୬।୫ (ମହାଭାରତ):** କିମସ ହସ୍ପିଟାଲରେ ଏକ ଜଟିଳ ଓ ବିରଳ ହୃଦରୋଗର ସଫଳ ଅସ୍ତ୍ରୋପଚାର ହୋଇଛି। ଜଣେ ରୋଗୀଙ୍କଠାରେ ଥିବା ପାଞ୍ଚ ପାଞ୍ଚଟି ହୃଦ୍‌ରୋଗ ସମସ୍ୟା ଗୋଟିଏ ଥରରେ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଅତ୍ୟନ୍ତ ଜଟିଳ ପ୍ରକ୍ରିୟାରେ ବେଣ୍ଟାଲ୍ ଅସ୍ତ୍ରୋପଚାର, ମିଟ୍ରାଲ୍ ଭାଲଭ୍ ଅସ୍ତ୍ରୋପଚାର, ଟ୍ରାଇକସ୍ପିଡ୍ ଭାଲଭ୍ ଅସ୍ତ୍ରୋପଚାର ଓ ଏଏସ୍‌ଡି କ୍ଲୋଜର ଆଦି ଅନ୍ତର୍ଭୁକ୍ତ ଥିଲା। ଏଭଳି ଅସ୍ତ୍ରୋପଚାର ଓଡ଼ିଶାର ଅନ୍ୟତମ ସଫଳ ହୃଦ୍ ରୋଗ ଅସ୍ତ୍ରୋପଚାର ବୋଲି କୁହାଯାଉଛି। ଦୀର୍ଘ ଦିନ ଧରି ଗୁରୁତର ହୃଦରୋଗରେ ପୀଡିତ ଥିବା ୩୨ ବର୍ଷୀୟ ଜନୈକ ଯୁବକ ଆବଶ୍ୟକୀୟ ସୁବିଧା ଏବଂ ଆର୍ଥିକ ସଙ୍କଟ ଯୋଗୁଁ ଚିକିତ୍ସା ହୋଇପାରୁନଥିଲେ। କିନ୍ତୁ ଗତ ମାସରେ ତାଙ୍କର ଅବସ୍ଥା ହଠାତ୍ ଖରାପ ହୋଇଯିବାରୁ ସେ ନିଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାରେ କଷ୍ଟ ଅନୁଭବ କରିବା ସହ ଅତ୍ୟଧିକ ଥକ୍କାପଣରେ ପୀଡିତ



ହୋଇପଡ଼ିଥିଲେ। ସେ ବହୁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ନପାଇବାରୁ ତାଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ଏବଂ ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଶେଷରେ ସେ କିମ୍‌ସ ହୃଦରୋଗ ସର୍ଜନ ଡା. ନିମାଇଁ ଚରଣ ବେହେରାଙ୍କ ସହ ପରାମର୍ଶ କରିଥିଲେ। ବହୁ ପରୀକ୍ଷା ନିରୀକ୍ଷା ପରେ ଯୁବକଙ୍କଠାରେ ମାରଫାନ୍ ସିଣ୍ଡ୍ରୋମ୍ ବ୍ୟତୀତ ସେ ତିନୋଟି ହୃଦରୋଗ ଭାଲଭରେ ଗୁରୁତର ଲିକେଜ୍ ଓ ଏକ ଆର୍ଓଟିକ ରୁଟ୍ ଆନିଉରିଜମ୍ ଭଳି ଅନେକ ଜୀବନ–ବିପର୍ଯ୍ୟୟ ହୃଦରୋଗ ଜଟିଳତାରେ ପୀଡିତ ଥିବା ଡା. ବେହେରା ସୂଚନା ଦେଇଥିଲେ। ଏଭଳି ଜଟିଳ ହୃଦ୍‌ରୋଗ ଜନିତ ସମସ୍ୟା ପାଇଁ ଡା ବେହେରା ଚ୍ୟାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ୱାର୍ଲ୍ଡ ଆଙ୍କାଇଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ଦିବସ




**ଭୁବନେଶ୍ୱର, ୬।୫ (ମହାଭାରତ):** ସ୍ପନ୍ଦନ ଡାଏଗ୍ନୋଷ୍ଟିକ ସେଣ୍ଟର ପକ୍ଷରୁ ଷ୍ଟେ ଫିଟ୍ କମ୍ପାନୀଙ୍କ ସହଯୋଗରେ ଆଜି ୱାର୍ଲ୍ଡ ଆଙ୍କାଇଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ କେବଳ ପଛ ଯନ୍ତ୍ରଣା ନୁହେଁକୁ ଅନୁସରଣ କରି ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକମାନଙ୍କୁ ଆଣ୍ଠୁ ଗଣ୍ଠି ଓ ମେରୁଦଣ୍ଡ ଜନିତ ଯନ୍ତ୍ରଣାର ଶୀଘ୍ର ନିଦାନ ଏବଂ ଯଥାଯଥ ଚିକିତ୍ସା ଉପରେ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରା ସିଆରପି ଛକରୁ ବାହାରି ଏକାମ୍ର କାନନ ପାର୍କ, ଇନ୍ଦ୍ରଧନୁ ମାର୍କେଟ ହୋଇ ସ୍ପନ୍ଦନ ଡାଏଗ୍ନୋଷ୍ଟିକ ସେଣ୍ଟର ପାଖରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଶିଶୁ ରିଉମାଟୋଲୋଜିଷ୍ଟ ଡା. ଦେବାଶିଷ ପାତ୍ର ଯୋଗଦେଇ ସ୍ପଣ୍ଡିଲାଇଟିସର କାରଣ, ଚିକିତ୍ସା ଓ ନିରାକରଣ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ପନ୍ଦନର ରାଜ୍ୟ ମୁଖ୍ୟ ସତ୍ୟ ସୁନ୍ଦର ବାସା, ଅପରେସନ୍‌ସ ମ୍ୟାନେଜର ଭକ୍ତ ଗୋବିନ୍ଦ ମହଲା ଓ ସ୍ପନ୍ଦନର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଛାତ୍ର ମୃତ୍ୟୁ ନେଇ ଥାନାରେ ଏତଲା ଦେଲା ଯୁବ କଂଗ୍ରେସ

**ଭୁବନେଶ୍ୱର, ୬।୫ (ମହାଭାରତ):** ସିଲିକନ୍ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ବି–ଟେକ୍ ଛାତ୍ର ବିଶ୍ୱାସ ସ୍ୱାଇଁକୁ ହତ୍ୟା କରାଯାଇଛି ବୋଲି ତା'ର ପିତା ଥାନାରେ ଏତେଲା ଦରଜ କରିଥିବା ସହ ଯୁବ କଂଗ୍ରେସ ପକ୍ଷରୁ ମଧ୍ୟ ଏତଲା ଦିଆଯାଇଅଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଇନ୍‌ଫୋସିଟ୍ ଥାନାର ଅଧିକାରଙ୍କୁ ଭେଟି ଏତଲା ପ୍ରଦାନ କରିଛନ୍ତି। ଉକ୍ତ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରିଚାଳକ ମୁଖ୍ୟକୁ ତୁରନ୍ତ ଗିରଫ କରିବା ଦାବୀ କରିଛନ୍ତି। ଶ୍ରୀ ପାତ୍ର ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ରର ପିତା ବସନ୍ତ ସ୍ୱାଇଁ ଯେଉଁଭଳି ଭାବରେ ମ୍ରିୟମାଣ ହୋଇ ନ୍ୟାୟ ଭିକ୍ଷା କରୁଛନ୍ତି ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। କଲେଜ କର୍ତ୍ତୃପକ୍ଷ ଗୋପାଳ ସାହୁ ବାରମ୍ବାର ଗଣମାଧ୍ୟମରେ କହିଛନ୍ତି ଯେ ଘଟଣା ସଂପର୍କରେ ସବୁକଥା ପୁଲିସ ପ୍ରଶାସନ କହିବ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନ ସହିତ ମିଳି ଭଗତରେ ଅଛନ୍ତି ଏବଂ ମଧ୍ୟ ଗଣମାଧ୍ୟମକୁ କହିଛନ୍ତି ଯେ ଭୁବନେଶ୍ୱର ଡିସିପି ଓ ଆଇଆଇସି ଇନ୍‌ଫୋସିଟି ଥାନା କାହିଁକି ପ୍ରଶ୍ନ କରାଯାଉନାହିଁ। ଯାହାକି ଆମେ ଗଣମାଧ୍ୟମରୁ ଖବର ପାଇଲୁ। ଉକ୍ତ ଘଟଣାକୁ ଏଡେଇ ଦେବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଷଡ଼ଯନ୍ତ୍ର କରୁଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୋପାଳ ସାହୁ ସଂପୂର୍ଣ୍ଣ ପୁଲିସ ପ୍ରଶାସନକୁ ନିୟନ୍ତ୍ରିତ କଲାଭଳି ଗଣମାଧ୍ୟମରେ ମନ୍ତବ୍ୟ ଦେଉଛନ୍ତି।



ଏହା ଅତ୍ୟନ୍ତ ନିନ୍ଦନୀୟ। ମୃତ ଛାତ୍ରର ବାପା ଗଣମାଧ୍ୟମରେ ସ୍ପଷ୍ଟ କରି କହିଛନ୍ତି ଯେ ମୋ ପୁତ୍ର ଆତ୍ମହତ୍ୟା କରିନାହିଁ ତାଙ୍କୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ନିର୍ଯ୍ୟାତନା ଦେଇ ହତ୍ୟା କରି ତାଙ୍କୁ ଆତ୍ମହତ୍ୟାର ରୂପ ଦେଇଛନ୍ତି। ହତ୍ୟା ଘଟଣାକୁ ଚପାଇ ଦେବା ପାଇଁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ବହୁ ଉଦ୍ୟମ କରୁଛନ୍ତି। ଯାହା ଆମକୁ ଅନୁମେୟ ହେଉଛି କେଉଁଠି ନା କେଉଁଠି ପ୍ରଶାସନ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାଟିକୁ ଚପାଇବା ପାଇଁ ଉଦ୍ୟମ କରୁଛନ୍ତି। ଆହୁରି ମଧ୍ୟ ଗଣମାଧ୍ୟମରୁ ଆମେ ଜାଣିବାକୁ ପାଇଲୁ ଯେ ତାଙ୍କ ବାପା ଯେଉଁ ଅଭିଯୋଗ କରୁଛନ୍ତି ତାଙ୍କ ପୁଅ ୩ ଦିନ ପୂର୍ବରୁ କିଛି ଖାଇ ନଥିବାବେଳେ ହଷ୍ଟେଲ କର୍ତ୍ତୃପକ୍ଷ ଏକଥା ତାଙ୍କ ପରିବାରବର୍ଗଙ୍କୁ କାହିଁକି ଜଣାଇଲେ ନଥିଲେ। ଏଥିପାଇଁ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶ୍ୱ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା କିଛି ନାହିଁ ବୋଲି ଏଥିରୁ ସ୍ପଷ୍ଟ ହୋଇପଡୁଛି। ର୍ୟାଗିଙ୍ଗକୁ କଡାକଡି ଭାବରେ ଦୃଢ଼ ହସ୍ତରେ ଦମନ କରିବାକୁ କୋର୍ଟର ନିର୍ଦ୍ଦେଶ ଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରିନାହାନ୍ତି। ର୍ୟାଗିଂକୁ ନିୟନ୍ତ୍ରଣ କରିବାରେ ସରକାର ବିଶ୍ୱବିଦ୍ୟାଳୟ ପ୍ରତି ଯେଉଁ ବାଧ୍ୟତାମୂଳକ ବ୍ୟବସ୍ଥା ପ୍ରଣୟନ କରିଛନ୍ତି ତାହାକୁ ଏହି ବିଶ୍ୱବିଦ୍ୟାଳୟ କଡାକଡି ପାଳନ କରିନି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ଛାତ୍ର ନେତା ସୁନିଲ ସାହୁ, ବିଶ୍ୱଜିତ ସ୍ୱାଇଁ, ବିରଞ୍ଚି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ନିରୋଧ ଆଇନ

ଭାରତୀୟ ଆଇନ ବ୍ୟବସ୍ଥା ଉଦାରବାଦୀ ଚିନ୍ତାଧାରା ଉପରେ ଆଧାରିତ। ମାନାବଧି ସୁରକ୍ଷାକୁ ଏହା ଗୁରୁତ୍ୱ ଦେଇ ଆସିଛି। ହଜାରେ ଦୋଷୀ ପଡେ ଛାଡ଼ ପାଇଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ ଏହାର ଭାରତୀୟ ଆଇନ ବ୍ୟବସ୍ଥାର ଆଧାର। ଭାରତରେ ଜଣେ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। ତେଣୁ ଅନେକ ସମୟରେ ବେନିଫିଟ ଅଫ ଡାଉଟରେ ଅନେକ ଦଣ୍ଡରୁ ତ୍ରାହି ପାଇଯାଆନ୍ତି। ସେହିପରି ଅନେକ ସମୟରେ ପ୍ରଚଳିତ ଆଇନର ଦୁରୁପଯୋଗ ମଧ୍ୟ ହେଉଥିବାରୁ ଅଭିଯୋଗ ଆସୁଛି। ଏହା ଏକ ମାରତ୍ମକ ଘଟଣା। ଆଉ ଅନେକ ମାମଲାର ଫିସଲା ଏତେ ବିଳମ୍ବ ହେଉଛି ଯେ, ଏହାର କିଛି ମୂଲ୍ୟ ରହୁନି। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଦୁରୁପଯୋଗ ରୋକିବାକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୁପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ସରକାରଙ୍କୁ ଏହା ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୌତୁକ ନିରୋଧ ଆଇନର ଦୁରୁପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୁପଯୋଗ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୌତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

**॥ ବିପିନ ବିହାରୀ ରାଉତ ॥**

*ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।*

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଗଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଉର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ରଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଗଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଗଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।



ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:

ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରିରୀକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଟେନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪

# ଅବତାର ନାହିଁ କୁହେ ମୁହିଁ ଅବତାର

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ମହାପ୍ରଭୁ ଶ୍ରୀ ଗୌରାଙ୍ଗଦେବ କହିଛନ୍ତି ଅବତାର ନିଜକୁ କେବେ ଅବତାର ବୋଲି କୁହନ୍ତି ନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହାର ଅର୍ଥ ହେଉଛି ଅବତାର ପୁରୁଷଙ୍କର ଅହଙ୍କାର ନାହିଁ। ଏହି ଅହଙ୍କାର ହିଁ ଜ୍ଞାନ ଲାଭର ଅନ୍ତରାୟ। ଅବତାର କେବଳ କୁହନ୍ତି - ତୁମ୍ଭେମାନେ ମୋ ପାଖକୁ ଆସ, ମୋ ଉପରେ ତୁମ୍ଭମାନଙ୍କର ନିଷ୍ଠା ଓ ବିଶ୍ୱାସ ରଖ, ତାହାହେଲେ ମୁଁ ତୁମକୁ ମନୁଷ୍ୟ ତିଆରି କରିବାର କୌଶଳ ଶିଖାଇ ଦେବି। ପୁଣି ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ କହିଛନ୍ତି - ତୁମର ଓ ମୋର ପାର୍ଥ ବହୁ ଜନ୍ମଗତ, ସେ ସବୁ ନା ଜାଣ ତୁମେ ମୁହିଁ ଅବଗତ। ଏହିପରି ସଚେତନତା ଅବତାର ପୁରୁଷଙ୍କର ଥାଏ, କିନ୍ତୁ ଅହଙ୍କାର ବା ଅଭିମାନ ନଥାଏ। ଅବତାର ପୁରୁଷମାନେ ସର୍ବଜ୍ଞ - ଏହାର ଅର୍ଥ ଯେତାଙ୍କର ଅଭିନ୍ନତ୍ୱ ଅଛି ସବୁ କିଛିର ସହିତ, ସେ ସବୁ କିଛି ମଧ୍ୟରେ ଅନୁପ୍ରେରିତ ହୋଇଅଛନ୍ତି। ଜଣେ ବ୍ୟକ୍ତିକୁ ଅନାଇ ଶ୍ରୀ ଶ୍ରୀ ଠାକୁର କହିଲେ ଯେତେବେଳେ ଆପଣ ଚାଲି ଚାଲି ଯାଉଛନ୍ତି ସେତେବେଳେ ଆପଣଙ୍କର ନାମ ଭୁଲି ଯାଉଛନ୍ତି। କିନ୍ତୁ କେହି ଆପଣଙ୍କୁ ଆପଣଙ୍କ ନାମ ଉଚ୍ଚାରଣ କରି ଡାକିଲେ ଆପଣ ସଚେତନ ହୁଅନ୍ତି ଯେ ଏହି ନାମ ଆପଣଙ୍କର। ଏହି ନାମ ପିତାମାତା ଦିଅନ୍ତି। କିନ୍ତୁ ଏହା ଜନ୍ମଗତ ନାମ ନୁହେଁ, ଏହି ନାମ ଦ୍ୱାରା ଆପଣ ଚିହ୍ନିତ ହୁଅନ୍ତି। ସେହିପରି ଅବତାର ପୁରୁଷଙ୍କୁ ମଧ୍ୟ ଅନ୍ୟ ବ୍ୟକ୍ତିମାନେ କୁହନ୍ତି ଅବତାର ବୋଲି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ପବନ ଯେପରି କହି ପାରେନା ମୁଁ ପବନ, ଆଲୋକ ଯେପରି କହିପାରେନା ମୁଁ ଆଲୋକ, ସେହିପରି ଭଗବତ୍ତା ଯାହାଙ୍କ ଠାରେ ଉଦ୍‌ଭିନ୍ନ ହୋଇଉଠିଛି ସେ ମଧ୍ୟ କହିପାରନ୍ତି ନାହିଁ ସେ ଭଗବାନ।

ଅବତାର ପୁରୁଷୋତ୍ତମ ଯେଉଁଠାରେ ଆସନ୍ତି ସେମାନଙ୍କର ଥାଏ ଏକ ଭାବ, ଏକ କଥା, ସେମାନେ ଏକ ଉଦ୍ଦେଶ୍ୟମୁଖୀ, ତାହାହେଲା ଜୀବନୀୟ ଅମୃତ। ସେ ଗୋବର୍ଦ୍ଧନଧାରୀ ଅର୍ଥାତ୍, ଜୀବଜଗତର ପାଳକ ଓ ବର୍ଦ୍ଧକ। ସେ ସାଧାରଣ ମନୁଷ୍ୟ ପରି ତୁମ ପାଖରେ ଆସି ବସିବେ। କଥା କହିବେ ଓ ଏହି ସହଜ କଥା କହୁ କହୁ ସେ ତୁମକୁ ଆବିଳତା ମୁକ୍ତ କରି ଉଠାଇବେ, ସମସ୍ତଙ୍କୁ ଉର୍ଦ୍ଧ୍ୱଗତି କରି ନ ଉଠାଇବା ପର୍ଯ୍ୟନ୍ତ ତାଙ୍କର ଶାନ୍ତି ନାହିଁ। ସକଳଙ୍କର ଉର୍ଦ୍ଧ୍ୱଗତିରେ ହିଁ ସେ ଶାନ୍ତି ଲାଭ କରନ୍ତି। ସେ କୁହନ୍ତି ବୃନ୍ଦାବନ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି। ବୃନ୍ଦ ଅର୍ଥ ହେଲା ସମୂହ ଓ ବନ୍ ମାନେ ବିସ୍ତାର। ତେଣୁ ଅବତାର ପୁରୁଷ କୁହନ୍ତି - ଏହି ସମୂହର ବିସ୍ତାର ଛାଡ଼ି ମୁଁ କେଉଁଠାରେ ରହିବି ନାହିଁ। ସେ ପୁଣି କୁହନ୍ତି – ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ। ଗାୟନ୍ତି ଅର୍ଥ ଗାନ କରନ୍ତି, ଜୀବନ ବୃଦ୍ଧିର ଗାନ କରନ୍ତି। ଯେଉଁଠାରେ ଭକ୍ତମାନେ ମିଶି ଏହି ଜୀବନ ବର୍ଦ୍ଧନର ଗାନ କରନ୍ତି ଓ ତଦନୁଯାୟୀ ଚଳନ୍ତି ମୁଁ ସେହିଠାରେ ହିଁ ରୁହେ। ମନୁଷ୍ୟର ଉନ୍ନତି ହିଁ ତାଙ୍କ ଜୀବନର ସୁଧା।

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ – ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ପରିତ୍ରାଣ ହେଲା ଉନ୍ନତିମୁଖର ଚଳନର କ୍ରମଗତି। ଏହା ମଧ୍ୟରେ ପୁଣି ପରି ଅଛି, ଅର୍ଥ ସମ୍ପୂର୍ଣ୍ଣ ଭାବରେ। ଅଚ୍ୟୁତ ନିରନ୍ତର ଭାବରେ ଚାଲିଲେ ସାଧୁମାନେ ଯେତେବେଳେ ପୂର୍ଣ୍ଣ ଉନ୍ନତିରେ ପହଞ୍ଚନ୍ତି ସେତେବେଳେ ସେମାନେ ପରିତ୍ରାଣ ଲାଭ କରନ୍ତି। ଆଉ ଏହାର ଓଲଟା ହେଲା - ବିନାଶ, କ୍ରମଶଃ - କ୍ଷୟମୁଖୀ। ତେଣୁ ମନକୁ ସଂଯତ ଓ ବିନାୟତ କରିବା ଆବଶ୍ୟକ। ମନ ଦୁଷ୍ଟ ନ ହେଲେ କର୍ମ ମଧ୍ୟ ଦୁଷ୍ଟ ହେବନାହିଁ। ପୁଣି ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବ ପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସତ୍ୟାନୁସରଣ ପୁସ୍ତକରେ ପ୍ରକାଶ କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ମାନବିକତା ଦେଖାଇଲେ ବ୍ଲକ ଉପଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅନ୍ତର୍ଗତ ଖୁଡୁକୁ ପଞ୍ଚାୟତର ଡମାଡିହୀ ରାସ୍ତାରେ ଆଜି ଏକ ଦୁଃଖଦ ସଡ଼କ ଦୁର୍ଘଟଣା ଘଟିଛିଯାଇଛି। କାମରପାରା ଗ୍ରାମର ପବନ ନାମକ ବ୍ୟକ୍ତି ତାଙ୍କର ଦୁଇଟି ଝିଅଙ୍କୁ ସହିତ ମଣ୍ଡେଇ ଦେଖିବା ପାଇଁ ବାଇକ୍‌ରେ ଯାଉଥିବା ବେଳେ ପଛପଟରୁ ଆସୁଥିବା ଏକ ବୋଲେରୋ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଯାହାଫଳରେ ପବନ ଓ ତାଙ୍କ ଝିଅମାନେ ବାଇକ୍‌ରୁ ଛିଟିକି ପଡ଼ି ଲହୁଲୁହାଣ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ଘଟଣା ଦେଖି ତୁରନ୍ତ ଉଦ୍ଧାର କାମ ଆରମ୍ଭ କରିଥିଲେ ଏବଂ ସହାୟତା ପାଇଁ ଚେଷ୍ଟା କରିଥିଲେ।ଏହି ସମୟରେ ସେହି ରାସ୍ତାରେ ଯାଉଥିବା ରାଇଘର ବ୍ଲକ ଉପଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡ ଘଟଣାଟି ଦେଖି ବିଳମ୍ବନ କରି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ।ଏବଂ ଥାଙ୍କ ତାଙ୍କର ପାରିବାର କୁ ଖବର ଦେଇ ଥିଲେ। ମାନବିକତା ଦେଖାଇଲେ ରାଇଘର ବ୍ଲକ ଉପଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡ ଆହତମାନଙ୍କୁ ତୁରନ୍ତ ହାଟଭରଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲେ। ଚିକିତ୍ସାଳୟରେ ପହଞ୍ଚିବା ପରେ ପବନଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ଉମରକୋଟ ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ତାଙ୍କ ପରିବାର ଲୋକମାନେ ସୂଚନା ଦେଇଛନ୍ତି। ଖବର ଲେଖାଯାଉଥିବା ସମୟ ପର୍ଯ୍ୟନ୍ତ ପବନଙ୍କ ଦୁଇ ଝିଅ ସ୍ୱାଭାବିକ ଅବସ୍ଥାରେ ଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ଚିନ୍ତା ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଖୋଜିବାକୁ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକମାନେ ଅତିବେଗ ଓ ଅସାବଧାନ ଡ୍ରାଇଭିଙ୍ଗ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଶିକ୍ଷା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ



ବିଷମକଟକ, (ମହାଭାରତ) : ବୁଧବାର ସିନି ( କଲେକଟିବ ଫର ଇଣ୍ଟିଗ୍ରେଟେଡ୍ ଲାଇବଲହୁଡ) ତରଫରୁ ଜିଲ୍ଲା ସ୍ତରୀୟ ' ଶିକ୍ଷା ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ତିନିବର୍ଷର ଶିକ୍ଷାର ଉପଲବ୍ଧତା ବା ଅଙ୍ଗନବାଡି, ବିଦ୍ୟାଳୟମାନଙ୍କରେ ପାଠ ପଢାର ପ୍ରଗତି, ବିଦ୍ୟାଳୟ କମିଟିର ଭାଗିଦାରିତା, ବିଦ୍ୟାଳୟର ପରିବେଶ, ଛାପା ସମୃଦ୍ଧ ଶ୍ରେଣୀ ଗୃହ, ଚଳ ଚଞ୍ଚଳ ପାଠାଗାର ତଥା ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ବିଷୟରେ ଆଲୋଚନା କରାଯାଇଥିଲା । ବିଗତ ତିନି ବର୍ଷ ଭିତରେ ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିଭାଗଙ୍କ ସହଯୋଗ କ୍ରମେ ଯେଉଁ ପ୍ରଗତି ଦେଖା ଦେଇଛି ଡକ୍ଟର ଶୁଭଦର୍ଶୀ ନାୟକ, ରାଜ୍ୟ ସଂଯୋଜକ, ସିନି ଉପସ୍ଥାପନା କରିଥିଲେ। ଏହା ପରେ ପରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଙ୍କୁବାଡ଼ି, ପ୍ରାଥମିକ ବିଦ୍ୟାଳୟ କନ୍ଧ ଡାକୁଲଗୁଡାର ଶିକ୍ଷକ ରାଜେନ୍ଦ୍ର ତୁଇକା, ସୁକାନ୍ତ ଉର୍ଲାକା ନିଜ ବିଦ୍ୟାଳୟର ପ୍ରଗତି ବିଷୟରେ ଉପସ୍ଥାପନା କରିଥିଲେ। ।ସେହିପରି ହଜାରି ଡାଙ୍ଗ ଅଙ୍ଗନବାଡ଼ି କର୍ମୀ କେ. ଉମେଶ୍ୱରୀ ଅଙ୍ଗନବାଡ଼ି ପିଲାମାନେ କିପରି ନାମଖେଳ, ପାଣିପାଗ ଚାର୍ଟ, ପାଠାଗାର ଗତିବିଧି ଦ୍ୱାରା ପିଲାମାନଙ୍କର କିପରି ବିକାଶ ହେଉଛି ଉପସ୍ଥାପନା କରିଥିଲେ। ଏହି କର୍ମ ଶାଳାରେ ସୁସାନ୍ତ ନାୟକ, ସଦସ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ କହିଥିଲେ ଯେ ଶିଶୁ ସାହିତ୍ୟକୁ ବାଦ ଦେଇ ପିଲାଙ୍କ ଶିକ୍ଷାର ପ୍ରଗତି ଅସମ୍ଭବ। କେବଳ ପୁସ୍ତକ ଶିକ୍ଷା ମାର୍କ ପାଇଁ ଉପଦିଷ୍ଟ ହୋଇଥିବା ବେଳେ ସାହିତ୍ୟ ପିଲାଟିର ସର୍ବାଙ୍ଗୀନ ବିକାଶ ପ୍ରତି ଧ୍ୟାନ ଦେଇଥାଏ । ଏଣୁ ଶିକ୍ଷକମାନେ ନିଜେ ଶିଶୁ ସାହିତ୍ୟ ପଢିବା ସହିତ ପିଲାମାନଙ୍କୁ ମଧ୍ୟ ସୁଯୋଗ ଦେବା ନିତ୍ୟାନ୍ତ ଆବଶ୍ୟକ। ସ୍ଥାନୀୟ ଡଗ ଡମାଳି ଆଦି ଭାଷାକୁ ଋଦ୍ଧିମନ୍ତ କରାଏ । ଡକ୍ଟର ଗୌରାଙ୍ଗ ଚରଣ ରାଉତ କହିଥିଲେ ଯଦି ଫିନଲ୍ୟାଣ୍ଡ ଅଧିକ ଖୁସି ଦେଶ ହୋଇ ପାରିଛି କେବଳ ତାଙ୍କର ଶିକ୍ଷା ବ୍ୟବସ୍ଥା ପାଇଁ । ଆମକୁ ପ୍ରାଥମିକ ସ୍ତରରେ ଶିକ୍ଷାକୁ ଆହୁରି ମଜଭୁତ କରିବାକୁ ପଡ଼ିବ । ଏଣୁ ଏଣୁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଜଣେ ଶିକ୍ଷକ ଚାକିରି ପାଇଲା ପରେ ବହି ପଢା ପ୍ରତି ଧ୍ୟାନ ଦେଉ ନାହାନ୍ତି । ଆମେ ଯଦି ପଢିବା ତାହାହେଲେ ଅନେକ ନୂଆ କଥା ପିଲାମାନଙ୍କୁ କହି ପାରିବା । ଏହି କର୍ମ ଶାଳାରେ ସୋମନାଥ ଓ୍ୱାଡାକ, ଏ ବି ଓ, ସାଗନିକା ସାହୁ, ସିଡିପିଓ, ସୁଜାତା କାଡ୍ରାକା, ଜିଲ୍ଲା ପରିଷଦ, ଜଗନ୍ନାଥ ମେହେର, ପ୍ରିନସିପାଲ, ଡାଏଟ ବିଷମକଟକ, ହରିଲକ୍ଷ୍ମୀ ପୂଜାରୀ, ସିଡିପିଓ, ମୁନିଗୁଡା, ଘାସିରାମ ତୁଇକା, ଜାନଡୁ ପ୍ରାସ୍କା, ମନ୍ମଥ କୁଣ୍ଡୁ, ଶିକ୍ଷାବିତ ରାୟଗଡ଼ା, ତାରେଣୀ ଗୌଡ, ରାଜେଶ ବିଶ୍ୱାଳ, ବାଳକୃଷ୍ଣ ରାଜୁ, ଉଦୟ ଚନ୍ଦ୍ର ଲାବଲା ଓ ଅଙ୍ଗନବାଡ଼ି କର୍ମୀ ଓ ଶିକ୍ଷକଆଦିଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନନ୍ତ ସାମନ୍ତ କରିଥିଲେ । ଅଜୟ କୁମାର ମଲ୍ଲିକ ସିନି, ଆସିଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ( ଏଜୁକେଶନ) ରାୟଗଡା, ଆଲଫ୍ରେଡ ମହାନ୍ତି, ଲକି ହିକକା, ମହେଶ୍ୱତା, ଚାନ୍ଦିନୀ , ବିଜୟ ମଲ୍ଲିକ, ଆକାଶ ପୂଜାରୀ, ତପନ, ରାଜେନ୍ଦ୍ର କୁଶୁଲିଆ, ରୁଦ୍ରାଶିଶ ମଣ୍ଡଳ, ସଚିନ ପାଣିଗ୍ରାହୀ ଆଦି ସହଯୋଗ କରିଥିଲେ । ଲୋକନାଥ ପଣ୍ଡା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ରାଜସ୍ୱ ସହାୟକ ନିରଞ୍ଜନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆଗାଁ, (ମହାଭାରତ) : ନୂଆଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟକ ନିରଞ୍ଜନ ସାହୁଆ ଦୀର୍ଘ ସେବା ପରେ ଅବସର ଗ୍ରହଣ କରିଛନ୍ତି। ସେ ୧୯୯୨ ମସିହାରେ ନୟାଗଡ଼ ତହସିଲରୁ ନିଜ ସରକାରୀ କାର୍ଯ୍ୟଜୀବନ ଆରମ୍ଭ କରିଥିଲେ। ପରେ ସେ ନୟାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ନୂଆଗାଁ ବ୍ଲକରେ କାର୍ଯ୍ୟରତ ରହି ସରକାରୀ ସେବାକୁ ସୁଚାରୁ ଭାବେ ପାଳନ କରିଥିଲେ। ତାଙ୍କ ଅବସର ଅବସରରେ ନୂଆଗାଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହିଉତ୍ସବରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ, ସୁପରଭାଇଜର ପ୍ରମୋଦ କୁମାର ବେହେରା ଓ ଅନ୍ୟାନ୍ୟ ରାଜସ୍ୱ ନିରୀକ୍ଷକ ସହିତ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ନିରଞ୍ଜନ ସାହୁଆଙ୍କର କାର୍ଯ୍ୟନିଷ୍ଠା, ସରଳତା ଓ ଦୀର୍ଘଦିନର ସେବାକୁ ସ୍ମରଣ କରି ସେମାନଙ୍କୁ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ପାରାଦୀପ ବନ୍ଦର ଏମସିଏଚପିର ରେକର୍ଡ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ର ଯାନ୍ତ୍ରିକ କୋଇଲା ପରିଚାଳନା ପ୍ଲାଣ୍ଟ (ଏମସିଏଚପି) ରେ ମେ ୫, ୨୦୨୬ ଦିନ କୋଇଲା ପରିଚାଳନା କାର୍ଯ୍ୟଦକ୍ଷତାରେ ନୂତନ ରେକର୍ଡ ସ୍ଥାପନ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଅସାଧାରଣ ଦକ୍ଷତା ଏବଂ ସମନ୍ୱୟ ପ୍ରଦର୍ଶନ କରି, ପ୍ଲାଣ୍ଟ ଗୋଟିଏ ଦିନରେ ରେକର୍ଡ ୩୧ ଥର୍ମାଲ୍ କୋଇଲା ବିଓବିଆରଏନ (ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ) ରେକ୍ ପରିଚାଳନା କରିଛି, ଯାହା ୧୫ ଜୁଲାଇ, ୨୦୨୨ରେ ହାସଲ କରାଯାଇଥିବା ପୂର୍ବ ସର୍ବାଧିକ ୩୦ ରେକ୍ କୁ ଅତିକ୍ରମ କରିଛି। ଆଉ ଏକ ଉଲ୍ଲେଖନୀୟ ସଫଳତାରେ, ଏମସିଏଚପି ଏହାର ସର୍ବୋଚ୍ଚ ସିଫ୍ଟ ପ୍ରଦର୍ଶନ ରେକର୍ଡ କରିଛି, ଦ୍ୱିତୀୟ ସିଫ୍ଟ ସମୟରେ ୧୩ଟି ବିଓବିଆରଏନ ରେକ୍ ପରିଚାଳନା କରିଛି, ଯାହା ଡିସେମ୍ବର ୨୯,୨୦୨୧ ରେ ସ୍ଥାପନ କରାଯାଇଥିବା ୧୧ଟି ରେକ୍ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତାଗୁଡ଼ିକ ଏମସିଏଚପି କର୍ମଚାରୀଙ୍କ ଦୃଢ଼ ଦଳଗତ କାର୍ଯ୍ୟ, ସୂକ୍ଷ୍ମ ଯୋଜନା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରତିଫଳିତ କରେ। ଏହି ସଫଳତା ପାରାଦୀପ ବନ୍ଦର ପ୍ରାଧିକାରଣର ଉତ୍ପାଦକତାରେ ଉନ୍ନତି ଆଣିବା ଏବଂ ବନ୍ଦର ପରିଚାଳନାରେ ଉଚ୍ଚ ମାନଦଣ୍ଡ ସ୍ଥାପନ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି ଅବସରରେ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କହିଛନ୍ତି ଯେ ଏମସିଏଚପି ଦ୍ୱାରା ହାସଲ କରାଯାଇଥିବା ଏହି ନୂତନ ମାଇଲଖୁଣ୍ଟ ବନ୍ଦରର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଦଳଗତ ସମର୍ପଣର ଏକ ସ୍ପଷ୍ଟ ପ୍ରମାଣ। ସେ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଏବଂ ସମନ୍ୱୟ ର ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଆହୁରି ବଡ଼ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ସେହିପରି ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ସଫଳତା ହାସଲ କରିବାରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଏବଂ ଅଂଶୀଦାରମାନଙ୍କ ପ୍ରୟାସକୁ ପ୍ରଶଂସା କରି ଏପରି ପ୍ରଦର୍ଶନ ଦେଶର ଏକ ଅଗ୍ରଣୀ ପ୍ରମୁଖ ବନ୍ଦର ଭାବରେ ପାରାଦୀପ ବନ୍ଦରର ସ୍ଥିତିକୁ ସୁଦୃଢ଼ କରିଛି ବୋଲି ଉଲ୍ଲେଖ କରିଛନ୍ତି।

## କେନ୍ଦୁଝରଠାରେ ରାଜ୍ୟବ୍ୟାପୀ ଶିଶୁ ଶ୍ରମ ନିବାରଣ ଅଭିଯାନର ଶୁଭାରମ୍ଭ




କେନ୍ଦୁଝର, (ମହାଭାରତ) : ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ତତ୍ତ୍ୱାବଧାନରେ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ରାଜ୍ୟବ୍ୟାପୀ ଶିଶୁ ଶ୍ରମ ନିବାରଣ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଶିଶୁ ଶ୍ରମିକ ଉଚ୍ଛେଦ ଦିଗରେ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ଶିଶୁ ଶ୍ରମ କେବଳ ଏକ ଆଇନଗତ ଉଲ୍ଲଂଘନ ନୁହେଁ ବରଂ ଏକ ଗୁରୁତର ସାମାଜିକ ଅନ୍ୟାୟ। ସେ କହିଥିଲେ ଯେ ପ୍ରବର୍ତ୍ତନକୁ ସୁଦୃଢ଼ କରିବା, ପୁନର୍ବାସ ପଦକ୍ଷେପରେ ଉନ୍ନତି ଆଣିବା ଏବଂ ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାକୁ ଫେରାଇ ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଶିଶୁ-ଶ୍ରମ ମୁକ୍ତ ସମାଜ ହାସଲ କରିବା ପାଇଁ ଜନସଚେତନତା ଏବଂ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆୟୋଗର ଅଧ୍ୟକ୍ଷା ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ନିଜ ଅଭିଭାଷଣରେ ଶିଶୁ ଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗ ହୋଇ ରହିଛି ଯାହା ନିରନ୍ତର ସଚେତନତା, ଗୋଷ୍ଠୀ ଅଂଶଗ୍ରହଣ ଏବଂ ଆଇନର କଠୋର କାର୍ଯ୍ୟକାରିତା ଆବଶ୍ୟକ କରିଥାଏ ଓ ପ୍ରତ୍ୟେକ ଶିଶୁ ଶିକ୍ଷା, ସୁରକ୍ଷା ଏବଂ ମର୍ଯ୍ୟାଦାର ଅଧିକାର ପାଇବାକୁ ଯୋଗ୍ୟ ବୋଲି କହିଥିଲେ। ଆହୁରିମଧ୍ୟ ଶ୍ରୀମତୀ ପାତ୍ର ପ୍ରଭାବିତ ପିଲାମାନଙ୍କୁ ଚିହ୍ନଟ, ପ୍ରତିରୋଧ ଏବଂ ପୁନର୍ବାସ ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ପିଲାମାନଙ୍କ ପାଇଁ ଏକ ସୁରକ୍ଷାତ୍ମକ ପରିବେଶ ସୃଷ୍ଟି କରିବାରେ ସ୍ଥାନୀୟ ପ୍ରଶାସନ, ନାଗରିକ ସମାଜ ଏବଂ ପରିବାରଗୁଡ଼ିକର ଭୂମିକାକୁ ସେ ରେଖାଙ୍କିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥିଭାବେ ମାନ୍ୟବର ବିଧାୟକ ପାଟଣା ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଅଧ୍ୟକ୍ଷା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ଶ୍ରୀମତୀ ମମିତା ନାଏକ, ଶ୍ରମ କମିଶନର, ଓଡ଼ିଶା ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ,ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଲକର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ସଦସ୍ୟା ଶ୍ରୀମତୀ ମନସ୍ୱିତା ଖୁଣ୍ଟିଆ, ଶ୍ରୀମତୀ କଳ୍ପନା ଲେଙ୍କା, ଶ୍ରୀମତୀ କସ୍ତୁରୀ ମିଶ୍ର, ଶ୍ରୀମତୀ ସୁଜାତା ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାଗୀୟ ଶ୍ରମ କମିଶନର ଶ୍ରୀ ସୂର୍ଯ୍ୟନାରାୟଣ ମାଳୀ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋୟି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରିୟଙ୍କା ମଲ୍ଲିକ ପରିଚାଳନା କରିଥିଲେ।

## ଚାଷୀର ଝିଅ ହେଲେ ଡାକ୍ତର, ନିୟମଗିରି ପାଦଦେଶର ଦିବ୍ୟା କବିର ଯୁବପିଢ଼ୀଙ୍କ ପ୍ରେରଣା

ରାୟଗଡା, (ମହାଭାରତ) : ଆଦିବାସୀ ଅଧ୍ୟୁଷିତ ନିୟମଗିରି ପାଦଦେଶର ଚାଟିକଣା ଗ୍ରାମରୁ ଆସିଛି ଏକ ଅତ୍ୟନ୍ତ ପ୍ରେରଣାଦାୟକ ସଫଳତାର କାହାଣୀ । ଚାଟିକଣା ଗ୍ରାମର ଚାଷୀ ରବିନ୍ଦ୍ରନାଥ କବିର ଓ ଆଶା କର୍ମୀ ଏସ୍. ଲକ୍ଷ୍ମୀଙ୍କ ପ୍ରଥମ ଝିଅ ଦିବ୍ୟା କବିର ବ୍ରହ୍ମପୁରର ଗକଉଏ ମେଡିକାଲ କଲେଜରୁ ଗଇଇଝ ଡିଗ୍ରୀ ହାସଲ କରି ଅଞ୍ଚଳର ଗର୍ବ ବଢ଼ାଇଛନ୍ତି । ଦିବ୍ୟାଙ୍କ ଶିକ୍ଷା ଯାତ୍ରା ଚାଟିକଣାର ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା । ଛୋଟବେଳୁ ସେ ପଢ଼ାଶୁଣା ପ୍ରତି ଅସାଧାରଣ ଆଗ୍ରହ ଦେଖାଇଥିଲେ । ପରେ ସେ ନିୟମଗିରି ଉଚ୍ଚ ବିଦ୍ୟାଳୟ, ଚାଟିକଣାରୁ ଦଶମ ଶ୍ରେଣୀରେ ୮୨% ଅଙ୍କ ସହ ଉତ୍କୃଷ୍ଟ ସଫଳତା ଅର୍ଜନ କରିଥିଲେ । ଏହାପରେ ସେ ଗୁଣୁପୁରର ମହର୍ଷି ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଶାଖାରେ +୨ ପଢ଼ି ୭୮% ଅଙ୍କ ହାସଲ କରିଥିଲେ । ପଢ଼ା ସମୟରୁ ଡାକ୍ତର ହେବାର ସ୍ୱପ୍ନକୁ ସେ ଦୃଢ଼ ଭାବେ ଧାରଣ କରି ଦିନରାତି ପରିଶ୍ରମ କରିଥିଲେ । ସାଧାରଣ ପରିବାର, ଅର୍ଥନୈତିକ ସମସ୍ୟା ଓ ଗ୍ରାମୀଣ ପରିବେଶର ଅନେକ ସୀମାବଦ୍ଧତା ସତ୍ତ୍ୱେ ଦିବ୍ୟା ନିଜ ଲକ୍ଷ୍ୟରୁ କେବେ ଅଟକି ନାହାନ୍ତି । ଶେଷରେ ସେ ଗକଉଏ ମେଡିକାଲ କଲେଜ, ବ୍ରହ୍ମପୁରରେ ଗଇଇଝ ଡିଗ୍ରୀ ହାସଲ କରି ସଫଳତାର ନୂଆ ଇତିହାସ ରଚନା କରିଛନ୍ତି । ଦିବ୍ୟାଙ୍କ ସଫଳତା ଖବର ଚାଟିକଣା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପହଞ୍ଚିବା ସହିତ ଖୁସିର ଲହରୀ ଖେଳିଯାଇଛି । ଗ୍ରାମବାସୀମାନେ ଏହାକୁ ଗର୍ବର ବିଷୟ ବୋଲି କହୁଛନ୍ତି ଓ ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଉଛନ୍ତି ।

## ବର୍ଷୀୟାନ ସମାଜସେବୀ ଝରି ସେଠୀଙ୍କ ବିୟୋଗରେ ଶୋକ

ପାରାଦୀପ, (ମହାଭାରତ) : ଜିଲ୍ଲାନାସୀ ପଞ୍ଚାୟତର ପୂର୍ବତନ ନାୟବ ସରପଞ୍ଚ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ବର୍ଷୀୟାନ ସମାଜସେବୀ କୁଜଙ୍ଗ ତାଳଦଣ୍ଡା ଅନ୍ତର୍ଗତ ତେନ୍ତୁଳିଆଖମାର ଗ୍ରାମର ଝରି ସେଠୀ ଙ୍କର ଗତ ରବିବାର ଦିନ ଦେହାନ୍ତ ହୋଇଯାଇଛି । ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରି ସ୍ୱର୍ଗଦ୍ୱାର ରେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ବିୟୋଗରେ ଛାତ୍ର ଶିକ୍ଷକ ସଭାପତି ଦୀପ୍ତି ରଞ୍ଜନ ସେଠୀ, ବହୁ ବୁଦ୍ଧିଜୀବୀ, ତେନ୍ତୁଳିଆଖମାର ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ, ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନୋଜ ପାତ୍ର ଭଳ ସମେତ କର୍ମକର୍ତ୍ତା ମାନେ ସ୍ୱର୍ଗତ ସେଠୀଙ୍କ ମର ଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ । ତେବେ ଝରି ମାଝୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## କୁରୁଣ୍ଟି ଗ୍ରାମରେ ନୂତନ ତ୍ରିନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ବାରଙ୍ଗ (ମହାଭାରତ):ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ପ୍ରଭୁ ଶ୍ରୀ ତ୍ରିନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଏକ ଭବ୍ୟ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଅବସରରେ ଗ୍ରାମବାସୀ ଓ ପାଖାପାଖି ଗ୍ରାମର ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗତ ୯ ତାରିଖ ଶନିବାର ଦିନ ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ୩ ତାରିଖରେ ସୂର୍ଯ୍ୟପୂଜା କଳସ ମଣ୍ଡଳାଦିନା ପୂଜା,ଅଗ୍ନିସ୍ଥାପନ, ପ୍ରଭୁ ଶ୍ରୀ ତ୍ରିନାଥଙ୍କ ମହାସ୍ନାନ ଓ ଶୟନ, ଯଜ୍ଞାହୂତି, ମନ୍ଦିର ଶିଳାନ୍ୟାସ, ଆଳତୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରାଣ ପ୍ରତିଷ୍ଠା ଉତ୍ସବର ଅନ୍ତିମ ଦିବସ ଅର୍ଥାତ୍ ୪ ତାରିଖ (ସୋମବାର) ଦିନ ସୂର୍ଯ୍ୟପୂଜା, ଗୋପୂଜା, କଳସ ମଣ୍ଡଳାଦିନା ପୂଜା, ପ୍ରଭୁ ଶ୍ରୀ ତ୍ରିନାଥଦେବଙ୍କ ଚଳନ୍ତି ବିଗ୍ରହଙ୍କ ନଗର ପରିକ୍ରମା, ବିଗ୍ରହଙ୍କ ପ୍ରବେଶ ହୋଇଥିଲା ।ଏହି ପ୍ରତିଷ୍ଠା ଦିବସରେ ପଣ୍ଡିତ ବ୍ରହ୍ମାନନ୍ଦ ହୋତା, ଦିଲ୍ଲୀପ କୁମାର ପଣ୍ଡା, ଶୁକାନ୍ତ ଦାଶ , ପ୍ରଶାନ୍ତ ଶତପଥୀ, ସନ୍ତୋଷ ଦାଶ ଓ ବୈଦ୍ୟନାଥ ପାଣି ଙ୍କ ବେଦମନ୍ତ୍ର ଉଚ୍ଚାରଣ ପୂଜାର୍ଚ୍ଚନା, ଯଜ୍ଞ ଓ ହୋମ କାର୍ଯ୍ୟ ସଂପନ୍ନ ହୋଇଥିଲା। ପୁଜକମାନଙ୍କ ଦ୍ୱାରା ଶାସ୍ତ୍ରୋକ୍ତ ପଦ୍ଧତିରେ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମରେ ପ୍ରଭୁ ଶ୍ରୀ ତ୍ରିନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାରେ ମୁଖ୍ୟକର୍ତ୍ତା ଭାବେ ରବିନାରାୟଣ ପରିଜା ଓ ତାଙ୍କ ଧର୍ମପତ୍ନୀ ରଞ୍ଜିତା ପରିଜା ମୁଖ୍ୟ କର୍ତ୍ତାଭାବେ କର୍ମରେ ବସିଥିବାବେଳେ ତାଙ୍କ ସହିତ କର୍ତ୍ତା ପ୍ରବୋଧ କୁମାର ମହାପାତ୍ର ଓ ତାଙ୍କ ସହଧର୍ମିଣୀ ପ୍ରତିମା ମହାପାତ୍ର, ଅକ୍ଷୟ ଭୂୟାଁ ଓ ତାଙ୍କ ସହଧର୍ମିଣୀ ସରୋଜିନୀ ଭୂୟାଁ ପୂଜାରେ ବସିଥିଲେ। ଏହି ଅବସରରେ ଗ୍ରାମର ବୟଜେଷ୍ଠ ବ୍ୟକ୍ତି ଓ ଯୁବକମାନଙ୍କର ସହଭାଗିତା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ସମସ୍ତେ ଏକତ୍ରିତ ହୋଇ ଏହି ପବିତ୍ର କାର୍ଯ୍ୟକୁ ସଫଳ କରିଥିବାରୁ ଗ୍ରାମରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ମହାପ୍ରସାଦ ବିତରଣ କରାଯାଇଥିଲା ଯେଉଁଥିରେ ସମସ୍ତ ଭକ୍ତମାନେ ସାମିଲ ହୋଇଥିଲେ। କୁରୁଣ୍ଟି ଗ୍ରାମରେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟରେ ଶ୍ରୀ ପ୍ରଫୁଲ୍ଲ ପରିଜା ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଶଶିକଳା ପରିଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତୁଟ ନିଷ୍ଠା, ଅର୍ପଣଭାବ ଓ ଅଦମ୍ୟ ପରିଶ୍ରମ ସହିତ ଯେପରି ସମର୍ପିତ ଭାବେ ଯୋଗଦାନ କରିଥିଲେ, ତାହା ସମସ୍ତଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ହୋଇ ରହିଛି। ତାଙ୍କର ଏହି ଅତୁଳନୀୟ ସହଯୋଗ ଓ ସେବାଭାବ ସହ ଗ୍ରାମବାସୀମାନଙ୍କର ସାମୁହିକ ସହଭାଗୀତା ମନ୍ଦିର ନିର୍ମାଣକୁ ଏକ ସଫଳ ଓ ସ୍ମରଣୀୟ ପର୍ବରେ ପରିଣତ କରିଥିଲା, ଯାହା ଦେଖି ସମସ୍ତେ ଆନନ୍ଦିତ ଓ ବିମୁହିତ । କୁରୁଣ୍ଟି ଗ୍ରାମରେ ପ୍ରଭୁ ଶ୍ରୀ ତ୍ରିନାଥଙ୍କ ନୂତନ ମନ୍ଦିର ଗ୍ରାମର ଧାର୍ମିକ ଓ ସାମାଜିକ ଜୀବନରେ ଏକ ନୂତନ ଅଧ୍ୟାୟ ଯୋଗ କରିବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

## ଦଶମ ବୋର୍ଡ କୃତୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଉତ୍ସବ

ମାଲକାନଗିରି, (ମହାଭାରତ) : ଆଜି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ପକ୍ଷରୁ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଜିଲାପାଳ ଦଶମ ବାର୍ଷିକ ବୋର୍ଡ ପରୀକ୍ଷାରେ ୩୨ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ପୋଲିସ ଅଧୀକ୍ଷକ, ଜିଲ୍ଲା ମଙ୍ଗଳ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଗୋଡ଼େର ଲେଖି ସଫଳତାର ସହ ଦଶମ ପରୀକ୍ଷା ପାସ୍ କରି ସାରା ଓଡ଼ିଶାରେ ଉଦାହରଣ ସୃଷ୍ଟି କରିଥିବା ଦିବ୍ୟାଙ୍ଗ ଲକ୍ଷ୍ମୀ ଖେମୁଣ୍ଡୁଙ୍କ ଆଗାମୀ ପାଠପଢ଼ା ପାଇଁ ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ତରଫରୁ ୨୦୦୦୦ ସହଯୋଗ ରାଶି ପ୍ରଦାନ କରିଥିଲେ । ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିମେଳା, ଜଗନ୍ନାଥପଲ୍ଲି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ଓ ଦୀପ୍ତି କନେ୍‌ଭଣ୍ଟ ସ୍କୁଲର ୩୨ ଜଣ ପିଲାଙ୍କୁ ସମ୍ମାନିତ କଲାବେଳେ ଜିଲ୍ଲାପାଳ ନିଜ ଛାତ୍ରଜୀବନର ପ୍ରେରଣାତ୍ମକ ସମୟ ମନ ପକେଇବା ସହ କହିଛନ୍ତି, 'ମାଲକାନଗିରି ପିଲା ଆଜି ପ୍ରମାଣ କରିଛନ୍ତି ଯେ ଇଚ୍ଛାଶକ୍ତି ଥିଲେ ସବୁ ବାଧା ଦୂର ହୋଇଯାଏ। ଏହି ୩୨ ଜଣ କେବଳ ନିଜ ପରିବାର ନୁହେଁ, ପୁରା ଜିଲ୍ଲା ପାଇଁ ଗର୍ବ।

## ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦଇବ ଭରଷା : ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର, ରୋଗୀ ହନ୍ତସନ୍ତ

ଚିଲିକା, (ମହାଭାରତ) : ଦିନକୁ ଦିନ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବାସ୍ତବଚିତ୍ର ଭୁଷୁଡିବାକୁ ଲାଗିଛି। ୨୫ବର୍ଷର ସରକାର ଜେଣତେଣ ପ୍ରକାର କରି ଚାଲିଯାଇଥିବା ବେଳେ ନୂଆ ସରକାରକୁ ବର୍ଷେ ପୁରିଥିଲେ ମଧ୍ୟ ସ୍ୱାସ୍ଥସେବାର ମୂଳଦୁଆ ଠିକ୍ କରିପାରିଲେନାହିଁ ଯାହାକି ବିରୋଧି ଏବଂ ଜନସାଧାରଣଙ୍କ ଅଟ୍ଟହାସ୍ୟର ଶିକାର ହେବାକୁ ପଡିଛି ଚଳିତ ସରକାରକୁ। ପ୍ରକାଶ ଥାଉକି ଚିଲିକା ନିର୍ବାଚନ ମଣ୍ଡଳୀ ଚିଲିକା ବ୍ଲକ୍‌ର ରିମୋଟ୍ ଏରିଆ କୁହାଯାଉଥିବା ବାଲୁଗାଁ ସହରରେ ଗୋଟିଏ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବାବେଳେ ପାଖାପାଖି ୮୦ହଜାର ଲୋକ ନିର୍ଭର କରନ୍ତି। ବଡ ଅନୁତାପର ବିଷୟ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୨ଜଣ ଡାକ୍ତର ନିୟୋଜିତ ଥିବାବେଳେ ବର୍ତ୍ତମାନ ସମୟରେ ମାତ୍ର ୩ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ଜଣେ ଶିଶୁ ଡାକ୍ତର ଏବଂ ଜଣେ ଏମ୍ ବି ବି ଏସ୍ ଡାକ୍ତର ରହିଛନ୍ତି। ୪ଜଣ ଡାକ୍ତର ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ ପାଇଁ ଦରମା ପାଉଥିବାବେଳେ ଅନ୍ୟତ୍ର କାର୍ଯ୍ୟ କରୁଥିବା ନେଇ ବଲୁଗାଁବାସୀଙ୍କୁ ବ୍ୟଥିତ କରିଛି। ଡାକ୍ତରମାନଙ୍କୁ ଷ୍ଟାଫ୍ ନର୍ସମାନେ ଉତ୍ତମ ବ୍ୟବହାର ଦେଖାଉନଥିବା ମଧ୍ୟ ଅଭିଯୋଗ ହେଉଛି। ହୃଦ୍‌ରୋଗୀ, ସ୍ନାୟୁ ବିଭାଗ ଏବଂ ସ୍ତ୍ରୀ ରୋଗ ବିଭାଗର କୌଣସି ଡାକ୍ତର ନଥିବାବେଳେ ରୋଗୀମାନଙ୍କୁ ସର୍ବଦା ଭୁବନେଶ୍ୱର,କଟକ ଏବଂ ବ୍ରହ୍ମପୁରକୁ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଗୁରୁତର ରୋଗୀଙ୍କର ଅନ୍ୟତ୍ର ଚିକିତ୍ସା ପାଇଁ ଗଲାବେଳେ ଅଧା ରାସ୍ତାରେ ଜୀବନ ଚାଲିଯାଇଥିବା ନଜିର୍ ରହିଛି।

## ରାଜପଥରେ ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା, (ମହାଭାରତ): ୫୭ ନମ୍ବର ଜାତୀୟ ରାଜପଥରେ ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଦଶପଲ୍ଲା ଥାନା ଅନ୍ତର୍ଗତ ଭୋଗରା ଛକ ନିକଟରେ ଚଢ଼ାଉ କରି ପୋଲିସ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ଭୋଗରା ଛକ ନିକଟରେ ଅତର୍କିତ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ପୋଲିସ ୧୧ କେଜି ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଘଟଣାରେ ବ୍ୟବହୃତ ଏକ ବାଇକ୍ (ନଂ- ଓଡ଼ିଓ ୨୫ ଐ ୩୯୬୮) କୁ ମଧ୍ୟ ଜବତ କରିଛି। ଏହି ବେଆଇନ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ବଜ୍ରକୋଟ ଗ୍ରାମର ଜଳଧର ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ଅସ୍ତରଙ୍ଗ ପୋଲିସର ତାଜୁବ କାର୍ଯ୍ୟକ୍ରମ

ଅସ୍ତରଙ୍ଗ, (ମହାଭାରତ) : ନଗର ପଞ୍ଚାୟତ କାଳିଆକଣରୁ ହେମ ବେହେରା(୬୪) ବର୍ଷୀୟ ମହିଳା ଓ ତାଙ୍କ ପୁଅକୁ ୭ ଜଣ ମିଳିମିଶି ମାଡମାରିବା ଘଟଣାରେ ପକ୍ଷ ଓ ପ୍ରତିପକ୍ଷଙ୍କ ନାଁରେ ଅସ୍ତରଙ୍ଗ ଥାନା ୧୧୮/୨୬ ଓ ୧୧୯/୨୬ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଘଟଣାକୁ ରଫାଦଫା କରିବାକୁ ସମସ୍ତେ ଲାଗିପଡ଼ିଥିଲା ବେଳେ ହଠାତ୍ ୪ ତାରିଖ ରାତି ୨.୩୦ରେ ପ୍ରଥମ ମାମଲା ଓ ରାତି ୨.୪୦ରେ ଦ୍ୱିତୀୟ ମାମଲାଟି ପଞ୍ଜିକରଣ ହୋଇଛି।ସବୁଠବାରୁ ବଡ଼କଥା ହେଲା ୫ ତାରିଖ ସକାଳ ପର୍ଯ୍ୟନ୍ତ ଅସ୍ତରଙ୍ଗ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା ବେଳେ ଖବର ପ୍ରକାଶ ପରେ ଡରିଗଲା କି ପୁଲିସ୍ । ନିଜ ଆଡୁ ଦୋଷ ଖସାଇବାକୁ ପଛୁଆ ତାରିଖ ଓ ସମୟ ଏଠାରେ ବ୍ୟବହାର କରିବା ଏଠି ବାରିହୋଇପଡୁଛି। ସୂଚନାନୁସାରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କାଳିଆକଣରେ ହେମ ବେହେରାଙ୍କ ଘର ନିକଟରେ କାର ଲଗାଇ ପୁଅକୁ ଘରୁ ଟାଣି ଆଣି ବାହାରେ ମା' ପୁଅକୁ ୭ ଜଣ ବ୍ୟକ୍ତି ମାଡମାରିବା ଓ ଧମକ ଚମକ ଦେବା ସେ ବିଷୟରେ ସେ ୩ ତାରିଖରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଏହି ଘଟଣାରେ ଚାପ ସୃଷ୍ଟିକରି କୌଣସିମତେ ରଫାଦଫା ପାଇଁ ଥାନା ଭିତରେ ଦୀର୍ଘ ୨୪ ଘଣ୍ଟା କସରତ ଚାଲିଥିଲା। ଘଟଣାଟିକୁ ଅଭିଯୋଗକାରୀଙ୍କ ପକ୍ଷରୁ ଗଣମାଧ୍ୟମ ନଜରକୁ ଆସିବାରେ ସମସ୍ତଙ୍କ ଚିନ୍ତା ବଢିଥିଲା। ଥାନା ଭିତରେ କେତେକ ବ୍ୟକ୍ତି ଓ ପୁଲିସର ହାତ ଛପେଇ ଯୋଗୁ ଦଣ୍ଡିଆଗିରି କରୁଥିବା ବ୍ୟକ୍ତି ଖବର ପ୍ରକାଶ ନକରିବାକୁ ଗଣମାଧ୍ୟମକୁ ବାରଣ କରିଥିଲେ। ସବୁଠାରୁ ବଡ଼କଥା ହେଲା ଅନ୍ୟ ଜିଲ୍ଲାରେ କାର୍ଯ୍ୟକରୁଥିବା ଜଣେ ପୁଲିସ୍ ଅଫିସର ସଂଘଟିତ ଘଟଣାରେ ସମ୍ପୃକ୍ତି ଥିବା ଓ ତାଙ୍କ ପରିବାର ନାଁରେ ହେବାରୁ ପୁଲିସର ଟିକିଏ ଅନୁକମ୍ପା ଥିଲା। ଏନେଇ ଥାନାରେ ଅଭିଯୋଗ ପରେ ଅସ୍ତରଙ୍ଗ ନିଜ ପୁଲିସ୍ ଭାଇକୁ ଅବା ଅନୁକମ୍ପା ନଦେଖାଇବେ କାହିଁକି !ସେ ଯାହା ହେଉନା କାହିଁକି ଘଟଣା ସମ୍ପର୍କରେ ଚାରିଆଡେ ପ୍ରଚାରିତ ହେବା ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ହେମ ବେହେରାଙ୍କ ଅଭିଯୋଗରେ ୧୧୮/୨୬ ରେ ଶିବଚରଣ ବେହେରା, ଟୁକୁନା ବେହେରା,ପଞ୍ଚୁ ବେହେରା , ଦେଇ ବେହେରା, ଦେଉଳି ବେହେରା,ମାଗା ସାହୁ ଓ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ସେହିପରି ପ୍ରତିପକ୍ଷ ଦେଇ ବେହେରାଙ୍କ ଅଭିଯୋଗକୁ ନେଇ ୧୧୯/୨୬ରେ କଳି ବେହେରା, ମାଗୁ ବେହେରା,ରା ?କୁ ବେହେରା ଓ କାକୁ ବେହେରାଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ପ୍ରଥମ ପକ୍ଷ ହେମ ବେହେରାଙ୍କ ଅଭିଯୋଗ ମୁତାବକ ସ୍ଥାନୀୟ ଅଞ୍ଚଳରୁ ୭ ଜଣ ବ୍ୟକ୍ତି ଏକ କାରରେ ଘର ନିକଟରେ ପହଞ୍ଚିବା ସହ ଘର ଭିତରୁ ତାଙ୍କ ପୁଅକୁ ଟାଣି ବାହାରେ ମାଡମାରିବା ଓ ପ୍ରତିରୋଧ କରିବାରେ ସେ ଆକ୍ରମଣର ଶିକାର ହୋଇଥିଲେ। ସେହିପରି ପ୍ରତିପକ୍ଷ ଦେଇ ବେହେରାଙ୍କ ଅଭିଯୋଗ ଯେ ସ୍ୱାମୀ ସ୍ତ୍ରୀ ଘରେ ଏକୁଟିଆ ରୁହନ୍ତି। ୧ ତାରିଖ ଦିନ ତାଙ୍କ ଘର ସମୁଖରେ ପଡୋଶୀ କଳି ବେହେରା ନାମକ ଜଣେ ମହିଳା ପରିଶ୍ରା କରିଥିଲେ। ଏହାକୁ ବାରଣ କରିବାରୁ ସେ ଓ ତାଙ୍କ ତିନି ପୁଅ ତାଙ୍କୁ ଅଭଦ୍ର ଭାଷାରେ ଗାଳିମନ୍ଦ ସହ ତାଙ୍କ ସ୍ୱାମୀକୁ ମାଡ ମାରିଥିଲେ। ଏ ବିଷୟରେ ମହିଳା ଜଣକ ତାଙ୍କ ଝିଅ ଜ୍ୱାଇଁଙ୍କୁ ଜଣାଇଥିଲେ। ହଠାତ୍ ୩ ତାରିଖ ଘରେ ପଶି ଟାଣି ଆଣି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ମାଡମାରିବା ଓ ଧମକ ଚମକ ଦେବା ବିଷୟରେ ପ୍ରତିପକ୍ଷଙ୍କୁ ପକ୍ଷରୁ ଅଭିଯୋଗ ହୋଇଛି। ଏକୁଟିଆ ରହୁଥିବା ସ୍ୱାମୀ ସ୍ତ୍ରୀଙ୍କୁ ସୂରକ୍ଷା ଦେବା ସମେତ ନ୍ୟାୟ ପାଇଁ ପ୍ରତିପକ୍ଷ ମହିଳା ଜଣକ ଅଭିଯୋଗ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତିକରି ୧୧୯/ ୨୬ ରେ ମାଗୁ ବେହେରା , ରାକୁ ବେହେରା ଓ କାକୁ ବେହେରାଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ ହୋଇଛିଛ କାହା ଅଭିଯୋଗରେ କେତେ ସତ୍ୟତା ଅଛି ତାହା ତ ତଦନ୍ତ ପରେ ଜଣାପଡିବ। କିନ୍ତୁ ୧ ତାରିଖରେ ପ୍ରଥମ ଘଟଣା ଘଟିବାରେ ପ୍ରତିପକ୍ଷ ଥାନାରେ ଆସି ପ୍ରଥମେ ଅଭିଯୋଗ ନକରି ଏଠାରେ ୩ ତାରିଖରେ ଅଥାର୍ଥ ପ୍ରଥମ ପକ୍ଷଙ୍କ ପରେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ପୁଲିସ୍ ଏଠାରେ ପ୍ରଥମ ଅଭିଯୋଗକୁ ଗ୍ରହଣ କରି ଜାଣିଶୁଣି ରଫାଦଫା କରିବାକୁ ଚେଷ୍ଟା କରିବା ଓ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଛି। ପ୍ରତିପକ୍ଷଙ୍କ ଅଭିଯୋଗକୁ ଗ୍ରହଣକରି ନିଜ ଆଡୁ ଦୋଷ ହଟାଇବାକୁ ପକ୍ଷ ଓ ପ୍ରତିପକ୍ଷଙ୍କ ନାଁରେ ଦୁଇଟି ପୃଥକ ମାମଲା ରୁଜୁ କରିବା ସ୍ପଷ୍ଟ ବାରିହୋଇପଡୁଛି। ଯଦି ଅସ୍ତରଙ୍ଗ ଥାନାରେ ଏମିତି ଚାଲେ , ତେବେ ସାଧାରଣ ଲୋକଙ୍କ ପୁଲିସ୍ ଉପରୁ ବିଶ୍ୱାସ ତୁଟିଯିବ ବୋଲି ଚାରିଆଡେ ଚର୍ଚ୍ଚା ହେଉଛି।

# ଅବହେଳା ପାଇଁ ଫେଲ ମାରୁଛି ବସୁଧା

ରା – ଉଦୟଗିରି(ମହାଭାରତ): ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛନ୍ତି । ସେଥି ମଧ୍ୟରୁ ବସୁଧା ଯୋଜନା ଅନ୍ୟତମ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅଦାସୀନତା ହେଉ କିମ୍ବା ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଏହି ଯୋଜନାରୁ ଗ୍ରାମବାସୀ ସଠିକ ଭାବେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରା – ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତ ଅନ୍ତର୍ଗତ କୁଶପଲ୍ଲୀ ଗାଁରେ । ଏହି ଗାଁରେ ମୋଟ ୧୪୦ ରୁ ଉର୍ଦ୍ଧ ଆଦିବାସୀ ପରିବାର ଲୋକେ ବସବାସ କରିଆସୁଛନ୍ତି । ପାନୀୟ ଜଳ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ଆର୍ଥିକ ବର୍ଷ ୨୦୨୧-୨୨ ରେ ରାଜ୍ୟସରକାରଙ୍କ ପକ୍ଷରୁ ୩୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ୩୦,୦୦୦ ଲିଟର ବିଶିଷ୍ଟ ବସୁଧା ଯୋଜନାରେ ଗୋଟେ ପାଣି ଟାଙ୍କି ନିର୍ମାଣ କରିଥିଲେ । ସେଠାରେ କେବଳ ଗୋଟିଏ ମାତ୍ର ବୋରିଂ ଥିବାରୁ ଯାହା ପାଣି ବାହାରୁଛି ସେଥିରେ ଟ୍ୟାଙ୍କ ଭର୍ତି ନହୋଇ ବୋରିଂର ପାଣି ଶୁଖିଯାଉଥିଲା ।ଏନେଇ ଗ୍ରାମବାସୀ ଗ୍ରାମପଂଚାୟତରେ ଅଭିଯୋଗ କରିବା ପରେ ୨୦୨୪- ୨୫ ଆର୍ଥିକ ବର୍ଷ ରା -ଉଦୟଗିରି ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ଵାରା ପ୍ରକଳ୍ପର ନିକଟରେ ଆଉ ଗୋଟିଏ ବୋରିଂ ଖୋଳାଯାଇଥିଲା । କିନ୍ତୁ ବୋରିଂ ଖୋଳିବାର ଦୀର୍ଘ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ବୋରିଂରେ ପାଇପ ଓ ମଟର ସଂଯୋଗ କରାଯାଇନାହିଁ । ଯାହା ଫଳରେ ଗୋଟିଏ ବୋରିଂରୁ ଯାହା ପାଣି ଟାଙ୍କିକୁ ଯାଉଛି ସେଥିରେ ପିଇବା ପାଇଁ ପାଣି ଗାଁକୁ ନିଅଣ୍ଟ ପଡୁଛି । ଫଳରେ ଗ୍ରାମବାସୀ ଗାଁରେ ଥିବା କିଛି ନଳକୂପର କଳଙ୍କି ମିଶ୍ରିତ ପାଣି ପିଇ ଅନେକ ରୋଗର ସମ୍ମୁଖୀନ ହେଉଛନ୍ତି । ଏନେଇ ଗ୍ରାମବାସୀ ବାରମ୍ବାର ଗ୍ରାମପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଏହି ବିଷୟରେ ଆମେ ମହେନ୍ଦ୍ରଗଡ ଗ୍ରାମପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ମଣ୍ଡଳ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାହା ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତିଆରି ହୋଇଛି ମୁ ଏନେଇ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଲେ ବି ମୋ କଥା ଶୁଣୁନଥିବା କହିଛନ୍ତି । ପରେ ଆମେ ରା -ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ କଲ୍ୟାଣୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ବୋରିଂ ଟି ପୂର୍ବରୁ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସମୟରେ ହୋଇଛି , ତାଙ୍କ ସହ ଯୋଗାଯୋଗ କରିବା ସହ କାମର ତଦନ୍ତ କରି ଯଥାଶୀଘ୍ର ପାଇପ ଓ ମଟର ସଂଯୋଗ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ତେବେ କେତେଶୀଘ୍ର ଏହା କାର୍ଯ୍ୟକ୍ଷମ ହୋଇପାରିବ ତାକୁହିଁ ସମସ୍ତଙ୍କ ଅପେକ୍ଷା ।

# ସ୍ୱାସ୍ଥ୍ୟ, ପାନୀୟ ଜଳରୁ ବଞ୍ଚିତ ତଳାରିମାହା ପଞ୍ଚାୟତ



ଘୁ.ଉଦୟଗିର: :କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ତଳାରିମାହା ପଞ୍ଚାୟତର ଅନେକ ଗ୍ରାମକୁ ପକ୍କାସଡ଼କ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତଓ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଆଜି ଯାଏଁ ଅପହ□ ରହିଛି । ୧୧ ଗୋଟି ୱାର୍ଡ, ୧୪ ଗୋଟି ରାଜସ୍ୱ ଗ୍ରାମ ଓ ୩ ୪ ଗୋଟି ପଡା ଗ୍ରାମକୁ ନେଇ ତଳାରିମାହା ଗ୍ରାମପଞ୍ଚାୟତ ଗଠିତ । ଏହାର ଜନସଂଖ୍ୟା ୩୫୦୦ରୁ ଉର୍ଦ୍ଧ୍ଵ । ଗଟାମାହା, ଭଞ୍ଜପଦର, ସାକା, ଦଦଡ଼ମାହା, ଡାଡ଼ିସାହି, ପଧାନପଡା, ଡୁଗୁଡ଼ି-କ, ଡୁଗୁଡ଼ି-ଖ, କାସିରିଖୋଲ, ରେଢ଼ାସିଙ୍ଗି, କରିକାଡୁ ଏବଂ ପିତାଦେଇ ଗ୍ରାମକୁ ବସୁଧା ଯୋଜନାରେ ଜଳଯୋଗାଣ ହୋଇପାରିନାହିଁ । ପଞ୍ଚାୟତର ପିତାଦେଇ ଏକ ଦୁର୍ଗମ ଗ୍ରାମ ହୋଇଥିବା ବେଳେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ, ବିଦ୍ୟୁତ ସ୍ୱାସ୍ଥ୍ୟ, ଶିକ୍ଷା ସେବା, ମୋବାଇଲ୍ ନେଟୱାର୍କ ଏବଂ ପାନୀୟଜଳ ରୁ ଗ୍ରାମବାସୀ ମାନେ ବଞ୍ଚିତ ଅଛନ୍ତି ।ତଳାରିମାହା ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ତଳାରିମାହା ଠାରେ ଏକ ନୂତନ ସବ୍ ସେଣ୍ଟର୍ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ଯାହା ଦ୍ୱାରା ଜନସାଧାରଣ ମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସାକା, ଦଦଡ଼ିମାହା ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ । ପଞ୍ଚାୟତର ତଳାରିମାହା, ଗଟାମାହା, ଭଞ୍ଜପଦର, ଡାଡ଼ିସାହି, କରିକାଡୁ, ପିତାଦେଇ ଗ୍ରାମରେ ମୋବାଇଲ ଟାୱାର ନଥିବାରୁ ଗ୍ରାମବାସୀମାନେ ମୋବାଇଲ୍ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି ।ତିନି ମାସ ହେଲା ଟୋପାଏ ପାଣି ପାଇଁ ଡହଳବିକଳ ଘୁ ଉଦୟଗିରି ଏନଏସିର ୮ ନମ୍ବର ୱାର୍ଡ ବାସିନ୍ଦା । ଅଞ୍ଚଳବାସୀଙ୍କ ଜମି ଅଛି ହେଲେ ଚାଷ କରିବା ପାଇଁ ଜମିକୁ ଜଳ ନାହିଁ ଏଣୁ ଜମି ପଡିଆ ପଡି ରହୁଛି ।ଚାଷୀ ଚାଷ ପ୍ରତି ମୁହଁ ମୋଡି ଦାଦନ ଖଟିବାକୁ ସୁଦୂର କେରଳ,ବେଙ୍ଗାଲୁର,ସୁରଥ,ଚେନେଇ ଜାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି । ପଞ୍ଚାୟତର ଡୁଗୁଡ଼ି ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ତଳ-ବାଲୁମାହା, ସାକା, ଗଟାମାହା, ପଧାନପଡ଼ା ଏବଂ ଡୁଙ୍ଗି ଗ୍ରାମ ବ୍ୟତୀତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ ।ପଞ୍ଚାୟତରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଗଟାମାହା ଗ୍ରାମର ସମାଜସେବୀ ରାଜେଶ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ୧୦୦ ରୁ ଉର୍ଦ୍ଧ୍ୱ ଚିଠି ପତ୍ର ଲେଖି ଅବଗତ କରିବା ପରେ ତଳାରିମାହା ଠାରୁ ରେଢ଼ାସିଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇପାରିଛି ଏବଂ ଜବେଡ଼ି, ବାଲୁମାହା, ପଧାନପଡ଼ା ଓ କାସିରିଖୋଲ ଠାରେ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଛି ।

# ରାସ୍ତା କଡରେ ମାଛ ମାଂସ କାଟିଲେ ବିକ୍ରି କଲେ ହେବ ଜୋରିମାନା

ଆସିକା (ମହାଭାରତ); ରାସ୍ତା କଡରେ ମାଛ ମାଂସ ବିକ୍ରି କଲେ କିମ୍ବା ଛେଳି କଟାଗୃହ (ସ୍ଲଟର ହାଉସ୍) ରେ ଛେଳି ନକାଟି ରାସ୍ତାକଡ଼ରେ ଛେଳି କାଟିଲେ ସଂପୃକ୍ତ ଦୋକାନକୁ ସିଲ୍ କରାଯିବା ସହ ଜରିମାନା ଆଦାୟ କରାଯିବ ବୋଲି ଆସିକା ପୌରପରିଷଦ ପକ୍ଷରୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଆସିକା ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୫ ସ୍ଥାନୀୟ ଆସିକା କାଳୀ ମନ୍ଦିର ସାହିରେ ସ୍ଲଟର ହାଉସ୍ ଥିବା ସତ୍ତ୍ୱେ ଆସିକାର ଅଧିକାଂଶ ସ୍ଥାନରେ ରାସ୍ତାକଡ଼ରେ କିମ୍ବା ଜନବସତି ସ୍ଥାନ ମାନଙ୍କରେ ଛେଳି କଟାଯାଇ ବିକ୍ରି କରାଯାଉଛି । ଏଥିନେଇ ବିଭିଭ ମହଲରୁ ବାରମ୍ୱାର ଅଭିଯୋଗ ଆସିବା ପରେ ଆସିକା ପୌର ପରିଷଦ ପକ୍ଷରୁ ସମ୍ପୃକ୍ତ ଦୋକାନୀ ମାନଙ୍କୁ ଏଭଳି ତାଗିଦ୍ କରାଯାଇଛି । ସ୍ଲଟର ହାଉସ ଛାଡ଼ି ଅନ୍ୟ କେଉଁଠି ଛେଳି କଟାଗଲେ ଦୋକାନକୁ ସ୍ଥାୟୀ ଭାବେ ସିଲ୍ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର । ପ୍ରକାଶ ଥାଉକି ଆସିକା ପୌର ପରିଷଦ ପରିସରଭୁକ୍ତ ପ୍ରମୁଖ ରାସ୍ତାକଡରେ ବର୍ଷବର୍ଷ ଧରି ଚାଲିଥିବା ଅବାଧ ମାଛମାଂସ ବିକ୍ରିକୁ କେନ୍ଦ୍ର କରି ଖାସ କରି କୋମଳମତି ଛାତ୍ର ଛାତ୍ରୀ ଓ ବିଭନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବହୁ ଆମିଷ ବ୍ୟବସାୟୀ ସେମାନଙ୍କ ବେପାର ଦିନକୁ ଦିନ ବୃଦ୍ଧି କରିବା ପାଇଁ ସହରର ବ୍ୟସ୍ତବହୁଳ ଅଞ୍ଚଳର ରାସ୍ତାକଡରେ ମାଛମାଂସ ବିକ୍ରି କରିବା ଫଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ପାଠ ପଢିବା ପାଇଁ ରାସ୍ତାରେ ବିଭିଭ ଶିକ୍ଷାନୁଷ୍ଠାନ ଓ ଟ୍ୟୁସନ୍କୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ମାଂସ କାଟିବା ଲାଗି ପୌରପରିଷଦ ପକ୍ଷରୁ ଦୀର୍ଘବର୍ଷ ତଳେ କାଳିମୁଖୀ ସାହିରେ ଏକ ସ୍ଲଟର ହାଉସ ସ୍ଥାପନ କରାଯାଇଥିଲା ଓ ମାଂସ ବ୍ୟବସାୟୀ ମାନେ ଉକ୍ତ କଂସେଇ ଖାନାରେ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାଂସ କାଟି ୧୫ନଂ ୱାର୍ଡ ଅଧୀନସ୍ଥ ମାଛବଜାର ନିକଟସ୍ଥ ମାର୍କେଟରେ ବିକ୍ରି କରୁଥିଲେ ତେବେ ପୌରପରିଷଦ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଓ ଉଦାସୀନ ମନୋବୃତି ଯୋଗୁଁ ଗତ କିଛିବର୍ଷ ହେଲା ମାଂସ କାଟିବା ଲାଗି ଉଦ୍ଦିଷ୍ଟ ସ୍ଲଟର ହାଉସଟି ଜନମାନସରୁ ଲିଭି ଯାଇଥିଲା ବେଳେ ମାଂସ ବିକ୍ରି ମାର୍କେଟ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି । ଅତୀତରେ ଆସିକା ପୌରପରିଷଦ ପକ୍ଷରୁ ହାଟପଦା ଛକ ନିକଟରେ ଆମିଷ ବିକ୍ରି କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ପିଣ୍ଡି ସ୍ଥାପନ କରାଯାଇଥିଲେ ମଧ୍ୟ ମାତ୍ର ହାତଗଣତି କିଛି ବ୍ୟବସାୟୀ ସେଠାରେ ବ୍ୟବସାୟ କରୁଥିବା ବେଳେ ବହୁ ବ୍ୟବସାୟୀ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲଂଘନ କରି ସ୍ଥାନୀୟ ପ୍ରଶାସନକୁ ଖାତିର ନକରି ରାସ୍ତାକଡରେ ନିଜର ବେପାର ବଣିଜ କରୁଥିବା ଦେଖିବାକୁ ମିଳୁଛି । ସର୍ବସାଧାରଣଙ୍କ ଯାତାୟାତ ରାସ୍ତାରେ କେତେକ ଆମିଷ ବ୍ୟବସାୟୀ ଛେଳି କୁକୁଡାଙ୍କୁ କାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଝୁଲାଇ ବିକ୍ରି କରୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନିଘୋଡ ନିଦ୍ରା ନଭାଙ୍ଗିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଆସିକା ପୌରପରିଷଦ ପରିସରଭୁକ୍ତ କେତେକ ଅଞ୍ଚଳର ମୁଖ୍ୟରାସ୍ତା ଯଥା ଆସିକା ମେଡିକାଲ ପାର୍ଶ୍ୱ ବାଣୀବିହାର ମୁଖ୍ୟ ରାସ୍ତା, ମେଡିକାଲ ପୁଡୁଗେଶ୍ୱର ପଲ୍ଲୀ ବ୍ରିଜ୍ ତଳେ, ଆସିକା ହାଟପଦା ମୁଖ୍ୟ ଛକ, ଜମିୟା ମସଜିଦ ପାର୍ଶ୍ୱରେ ବହୁ ଆମିଷ ବ୍ୟବସାୟୀ ମାଛ, କୁକୁଡା କାଟୁଥିବାରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି । ଆସିକା ସହରର ବିଭିଭ ସାହିବସ୍ତିର ରାସ୍ତାକଡରେ ମାଛମାଂସ ବ୍ୟବସାୟ ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ଅଭିଯୋଗ ହେଉଛି । ସେହିଭଳି ଅତୀତରେ ମାଂସ ବ୍ୟବସାୟୀ ମାନେ ଛେଳିକୁ କାଟିବା ପରେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଅନୁମତି ମିଳିବା ସାଙ୍ଗକୁ ମାଂସର କ୍ୱାଲିଟି ଠିକ୍ ଅଛି ବୋଲି ମାଂସରେ ସିଲ୍ ପଡିବା ପରେ ତାହାକୁ ବିକ୍ରି କରାଯାଇଥିଲା ତେବେ ବିଗତ କିଛିବର୍ଷ ହେଲା ଏହି ନିୟମ ମଧ୍ୟ ଆସିକା ଅ□ଳରେ ବାଟବଣା ହୋଇଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନଦେଇ ରାସ୍ତା କଡରେ ମାଛମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବା ଲାଗି ସୁଯୋଗ ଦେବା ଦିଗରେ ପଦକ୍ଷେପ ନେବାକୁ ବଭିଭ ମହଲରେ ଦୃଢ ଦାବି ହେଉଛି ।

# ଦଶପଲ୍ଲାରେ ବିଜେପି ମହିଳା ମୋର୍ଚ୍ଚାର 'ଜନ ଆକ୍ରୋଶ ସମାବେଶ' ଓ ପଦଯାତ୍ରା




ଦଶପଲ୍ଲା,(ମହାଭାରତ):ସରିଗଣ୍ଡ ମଣ୍ଡଳ ବିଜେପି ପକ୍ଷରୁ ଦଶପଲ୍ଲାଠାରେ ଏକ ବିଶାଳ 'ମହିଳା ଜନ ଆକ୍ରୋଶ ସମାବେଶ' ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛ । ଦଶପଲ୍ଲା ସ୍ଥିତ ବିଜେପି କାର୍ଯ୍ୟାଳୟରୁ ଶତାଧିକ ମହିଳା କର୍ମୀ ଏକ ପଦଯାତ୍ରାରେ ବାହାରି ମେଳିଆ ତୋଟାସ୍ଥିତ ମଧୁ ବୈଶ୍ୟ କୋଠଘର ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ବିରୋଧୀ 'ଇଣ୍ଡି' ମେ□, କଂଗ୍ରେସ ଓ ବିଜେଡି ବିରୋଧରେ ମହିଳା ମୋର୍ଚ୍ଚା ପକ୍ଷରୁ ଜୋରଦାର ସ୍ଲୋଗାନ ଦିଆଯିବା ସହ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ସରକାରଙ୍କୁ ଘେରିଥିଲେ ।

କୋଠଘର ପରିସରରେ ଆୟୋଜିତ ସଭାରେ ମଂଚାସୀନ ଅତିଥିମାନେ କହିଥିଲେ ଯେ, ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' କୁ ଇଣ୍ଡି ମେ□ର ଅସହଯୋଗ ଯୋଗୁଁ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି ହେଉଛି । ଆଗାମୀ ପଞ୍ଚାୟତ ଓ ନିର୍ବାଚନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି । ସମାବେଶରେ ମୋଦିଜୀ ଜିନ୍ଦାବାଦ ଓ ଭାରତୀୟ ଜନତା ପାର୍ଟି ଜିନ୍ଦାବାଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ସରିଗଣ୍ଡା ମଣ୍ଡଳ ସଭାପତି ମାନସ ରଞ୍ଜନ ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଝିଲିରାଣୀ ତାରିଣୀଆ, ପ୍ରତିମା ପ୍ରଧାନ, ଦଶପଲ୍ଲା ଘଇଉ ସଭାନେତ୍ରୀ ଜ୍ୟୋସ୍ନା ରାଣୀ ପ୍ରଧାନ, ସରିଗଣ୍ଡା ମଣ୍ଡଳ ଉପସଭାନେତ୍ରୀ ରୁକ୍ମଣୀ ମଲିକ ଓ ଜ୍ୟୋସ୍ନା ରାଣୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିନତୀ ସାହୁ, ପ୍ରଦୋଷ କୁମାର ଜେନା ଓ ଶିମିଳିସାହି ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମଣ୍ଡଳ ସଭାପତି ମାନସ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ବୈଠକଟି ସାଙ୍ଗ ହୋଇଥିଲା ।

# ଦେବଗିରିରେ ପର୍ଯ୍ୟଟନ ଶିଳ୍ପ ବିକାଶ ଆଣ୍ଠେଇଛି

ପାରଳାଖେମୁଣ୍ଡି: ପ୍ରକୃତିର ବରଦାନରେ ଭରପୁର ଗଜପତିଜିଲ୍ଲା । ଏହି ଜିଲ୍ଲାରେ ପାହାଡ଼ ଜଙ୍ଗଲ ଘେରା ସବୁଜ ବନାନୀର ଆକର୍ଷଣୀୟ ପରିବେଶ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଅନେକ ଜଳପ୍ରପାତ ଓ ଐତିହ୍ୟ ତଥା କିମ୍ବଦନ୍ତୀ ସମ୍ପନ୍ନ ଅନେକ ସ୍ଥାନରହିଛି । ଗଜପତି ଜିଲ୍ଲାରେ ମହେନ୍ଦ୍ରଗିରି ଗିରି ଭଳି ଆଉ ଗୋଟିଏ ପର୍ବତ ଶୃଙ୍ଗ ରହିଛି ଦେବଗିରି । ହେଲେ ମହେନ୍ଦ୍ରଗିରି ଭଳି ଦେବଗିରି ପାହାଡ ଐତିହ୍ୟ ସଂସ୍କୃତି ସହ ଯୋଡି ହୋଇ ନଥିଲେ ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର , ଏହି ପାହାଡର ପରିବେଶ ଅତ୍ୟନ୍ତ ମନୋରମ ।ଔଷଧୀୟ ବୃକ୍ଷଲତା ସାଙ୍ଗକୁ ଜଙ୍ଗଲି ଜନ୍ତୁଙ୍କ ଚଳ ପ୍ରଚଳ ରହିଛି , ପାହାଡ ଶିଖରରେ ବିସ୍ତିର୍ଣ୍ଣ ସମତଳ ଅଞ୍ଚଳ ସହ ଏକ ପାର୍ଥନା ସ୍ଥଳ ଥିବା କୁହାଯାଉଛି । ଦିନ ଥିଲା ଏହି ଅଞ୍ଚଳ ବାଉଁଶ , ସାଗୁଆନ ଏବଂ ବାସ ଚନ୍ଦନର ଜଙ୍ଗଲ ଭାବରେ ବେସ ପରିଚିତ ଥିଲା , କିନ୍ତୁ ଆଉ ଏବେ ତାହା ନାହିଁ , ତଥାପି ବିସ୍ତିନ ଘଞ୍ଚଜଙ୍ଗଲ ସହ , ଏକାଧିକ ଜଳପ୍ରପାତ ଏବଂ ତାର ଶୀତଳ ଆଉ ଶାନ୍ତ ପରିବେଶ ନିଶ୍ଚିତ ଭାବରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ , ତେଣୁ ରାଜ୍ୟ ସରକାର ଦେବଗିରି କୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିବା ପାଇଁ ଦେବଗିରିର ବିକାଶ ନିମନ୍ତେ ରୁପରେଖ ପ୍ରସ୍ତୁତ କରି ୨୦୨୪ – ୨୫ ଆର୍ଥିକ ବର୍ଷରେ ଦେବଗିରି ପର୍ବତ ଶୃଙ୍ଗର ଆକର୍ଷଣୀୟ ପ୍ରାର୍ଥନା ସ୍ଥଳୀର ବିକାଶର ପାଇଁ ୧ କୋଟି ୨୩ ଲକ୍ଷ, ଅନୁଦାନ ପ୍ରଦାନ ସହ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି ।ପର୍ଯ୍ୟଟନ ସ୍ଥାନର ବିକାଶ କରିବା ସହ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ରାଜ୍ୟ ସରକାରୟ ଭିତ୍ତିଭୂମି, ରାସ୍ତାଘାଟ, ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ଅନୁଦାନ ମଧ୍ୟ ମଞ୍ଜୁର କରିଥିଲେ । ଠିକା ସଂସ୍ଥା ଟେଣ୍ଡର ପାଇ ୨୦୨୫ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା । କିନ୍ତୁ ନାମକୁ ମାତ୍ର ପର୍ବତ ପାଦ ଦେଶରେ ଗୋଟିଏ ପ୍ରବେଶ ଦ୍ୱାର କରିଦେଇ ଚୁପ ବସିଛି । ଏନବିସିସି ନାମକ ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ଠିକା ସଂସ୍ଥା କାହିଁକି କାର୍ଯ୍ୟ ବନ୍ଦ କରି ରଖିଛି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଠିକା କମ୍ପାନୀ ପକ୍ଷରୁ ଦିଆଯାଇନଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ ସଂଗ୍ରାମଙ୍କ ସୂଚନା ପ୍ରକାରେ କିଛି ସ୍ଥାନୀୟ ଅଧିବାସୀ ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଛନ୍ତି ତେଣୁ ନିର୍ମାଣ କାର୍ଯ୍ୟ ଆଗେଇ ପାରିନି । ତେବେ ଏନେଇ କୌଣସି ଅନୁଷ୍ଠାନ କିମ୍ବା ସ୍ଥାନୀୟ ଜନ ପ୍ରତିନିଧି ବିରୋଧ କରୁଥିବା ନେଇ କୌଣସି ସ୍ଥାନରେ ଲିଖିତ ଅଭିଯୋଗ କରିନାହାନ୍ତି , ତେଣୁ ଉନ୍ନୟନ କାର୍ଯ୍ୟକୁ ସତରେ ବିରୋଧ କରୁଛନ୍ତି ନାଁ ନିଜ ଅପାରଗତାକୁ ଲୁଚାଇବା ପାଇଁ ଠିକାଦାର ଏଭଳି କହିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ ।ସୂଚନା ଥାଉକି ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାହାଡ଼ ଶିଖର ଭାଗରେ ଗୋଟିଏ ଆଶ୍ରୟ ସ୍ଥଳ ଓ ଦୁଇଟି ପିଣ୍ଡି ନିର୍ମାଣ ସହ କୂପର ଉଦ୍ଧାର କରଯାଇଛି, ୭ କିଲୋମିଟର ପାହାଡ଼ିଆ ରାସ୍ତା ସୁଗମ ହେଲେ ପର୍ଯ୍ୟଟକଙ୍କ ପାଇଁ ବାଟ ଫିଟିବ । ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ପୁରାତନ ଜୀବନ ଶୈଳୀ ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିପାରିଛି । ପର୍ଯ୍ୟଟନର ବିକାଶ ହେଲେ ରୋଜଗାର ସୃଷ୍ଟି ହେବା ସହ ବ୍ୟବସାୟ ବୃଦ୍ଧି ପାଇବ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ତେଣୁ ସ୍ଥାନୀୟ ବାସିନ୍ଦା ଉଓୟନ କାର୍ଯ୍ୟରେ ସହଯୋଗ କରିବା ଆବଶ୍ୟକ ରହିଛି ।

# ବିପ୍ଳବୀ ଧରଣୀଧର ଗର୍ବ ଓ ଗୌରବର ପ୍ରତୀକ

କେନ୍ଦୁଝର, (ମହାଭାରତ):କେନ୍ଦୁଝରର ବରପୁତ୍ର ତଥା ମହାନ ବିପ୍ଳବୀ ଧରଣୀଧରଙ୍କ ୧୬୨ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ତା ୦୫.୦୫.୨୦୨୬ ରିଖ ମଙ୍ଗଳବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ଭୂୟାଁ ସାଂସ୍କୃତିକ ସଂଗଠନ, କେନ୍ଦୁଝର ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରେକ୍ଷାଳୟଠାରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉଓୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଓଡ଼ିଶା ବିଧାନସଭାର ମାନ୍ୟବର ଉପ-ବାଚସ୍ପତି ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶ୍ରୀଯୁକ୍ତ ଦୈତାରୀ ନାଏକ, ସମ୍ମାନନୀୟ ଅତିଥିଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉଓୟନ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, ଭୂୟାଁ ସାଂସ୍କୃତିକ ସଂଗଠନର ସଭାପତି ହରିଶଙ୍କର ନାଏକ, ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ସ୍ୱତନ୍ତ୍ର ଉଓୟନ ପରିଷଦ ଉପାଧ୍ୟକ୍ଷ ଶ୍ରୀ ମାନସ ନାଏକ ଓ ମୁଖ୍ୟ ବକ୍ତା ଭାବେ ଗବେଷକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗ ଦେଇଥିଲେ ।ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ଶ୍ରୀ ଗଣ୍ଡ ବିପ୍ଳବୀ ଧରଣୀଧର କେନ୍ଦୁଝରର ଗର୍ବ ଓ ଗୌରବ, ସ୍ୱର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ ।

# ପଞ୍ଚାୟତରେ କିଡନୀ ରୋଗ ଆତଙ୍କ

# ଗତବର୍ଷ ମରିଥିଲେ ୭ ଜଣ, ବର୍ତ୍ତମାନ ୯୭ ଚିକିତ୍ସାଧୀନ

ଛତ୍ରପୁର: ଗଞ୍ଜାମଜିଲ୍ଲା ଛତ୍ରପୁର ବ୍ଲକ୍ର କାଳିପଲ୍ଲୀ ପଞ୍ଚାୟତରେ ଗତ ୧୫ ବର୍ଷ ଭିତରେ କିଡ୍ନିଜନିତ ରୋଗ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ପଞ୍ଚାୟତ ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍ଇଏଲ୍) କମ୍ପାନିର ମୋନାଜାଇଟ୍ ପ୍ଲାଣ୍ଟ ଯୋଗୁଁ ପାଣି ଦୂଷିତ ହେଉଥିବାରୁ ଏହାକୁ ପିଇ ଲୋକେ କିଡନୀ ରୋଗରେ ପଡୁଥିବା ଅଭିଯୋଗ ହେଉଥିଲେ ବି ଏଯାବ୍ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି ।ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ପୂର୍ବତନ ସରପଞ୍ଚ ପଦ୍ମଚରଣ ସାହୁଙ୍କ ଭାଇ ବସନ୍ତ କୁମାର ସାହୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିଲେୟ ବର୍ତ୍ତମାନ କାଳିପଲ୍ଲୀ, ବଡ଼ପୁଟି, ହରିପୁର ଓ ବନ୍ଦରଗାଁ ଅଞ୍ଚଳରୁ ମୋଟ ୯୭ ଜଣ ବିଭିଭ ଡାକ୍ତରଖାନାରେ ଚିକିତ୍ସିତ ହୋଇଆସୁଛନ୍ତି । ତେବେ ବିଗତ କିଛିବର୍ଷ ମଧ୍ୟରେ କିଡ୍ନି ରୋଗ ପଞ୍ଚାୟତର ୪୦ ଜଣଙ୍କ ଜୀବନ ନେଇଥିବା ବେସରକାରୀ ତଥ୍ୟ କହୁଛି । ଗୋଟିଏ ପଞ୍ଚାୟତରୁ




ଏତେସଂଖ୍ୟକ ଲୋକ କିଡ୍ନି ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ଖାମଖିଆଲ ନୀତି ଆପଣାଉଥିବା ଗ୍ରାମବାସୀ କହିଛନ୍ତି । କାଳିପଲ୍ଲୀ, ବାସନାପୁଟି, ଉପୁଲାପୁଟି, ହରିପୁର, ବନ୍ଦର, ରେକଟୁର, ବଡ଼ପୁଟି, ଭାଗିନେପଟ, ଲକ୍ଷ୍ମୀପୁର, ଏସ୍.ପାଇକପଡ଼ା, ଇ.ପାଇକପଡ଼ା ଓ ପଲିପଦର ଏଭଳି ୧୨ଟି ଗାଁକୁ ନେଇ କାଳିପଲ୍ଲୀ ପଞ୍ଚାୟତ ଗଠିତ । ଏହି ସମସ୍ତ ଗ୍ରାମରେ ବର୍ତ୍ତମାନ କିଡ୍ନି ରୋଗୀ ଥିବା ବେଳେ କାଳିପଲ୍ଲୀ ଓ ବଡ଼ପୁଟିରେ ଏହି ସଂଖ୍ୟା ଅଧିକ । ବାରମ୍ବାର ଅଭିଯୋଗ ପରେ ରୋଗର କାରଣ ଖୋଜିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମକୁ ଆସୁଛି ।ସ୍ୱାସ୍ଥ୍ୟ ପରୀକ୍ଷା କରି ପାଣି ନମୁନା ମଧ୍ୟ ସଂଗ୍ରହ କରୁଛି । କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହାର ମୂଳ କାରଣ ଖୋଜି ପାଇପାରୁନି ।ଅନ୍ୟପକ୍ଷରେ ଆଇଆର୍ଇଏଲ୍ ପକ୍ଷରୁ ପ୍ରତି ଗ୍ରାମର ଜଣେ ଜଣେ ଲୋକଙ୍କ ୨୦ ପ୍ରକାର ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଜାନୁଆରି ମାସରେ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଇଆର୍ଇଏଲ୍ ପକ୍ଷରୁ ସ୍କ୍ରିନିଂ ପାଇଁ ଯୋଜନା ଆରମ୍ଭ ହୋଇଥିଲା । ହେଲେ ମାତ୍ର ଗୋଟିଏ ଦିନ ସ୍କ୍ରିନିଂ ହୋଇଥିବା ବେଳେ ହଠାତ ବନ୍ଦ କରି ଦିଆଯାଇଥିଲା । କିଡ୍ନି ରୋଗ ବ୍ୟାପୁଥିବାରୁ ଲୋକେ ରହିବାକୁ ବି ସୁରକ୍ଷିତ ମଣୁନାହାନ୍ତି । ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ସ୍କ୍ରିନିଂ ନାଁରେ ଭୁଆଁ ବୁଲାଉଥିବା ଲୋକେ କହିଛନ୍ତି । କମ୍ପାନି କର୍ତ୍ତୃପକ୍ଷଙ୍କ ଚାପରେ ସ୍ୱାସ୍ଥ୍ୟ ବିଭାଗ ସଠିକ୍ ରିପୋର୍ଟ ପଦାକୁ ଆଣୁନି ବୋଲି ମଧ୍ୟ ଅଭିଯୋଗ ହୋଇଛି ।ଅନ୍ୟପକ୍ଷରେ ଏହି ପଞ୍ଚାୟତ ସ୍ୱାସ୍ଥ୍ୟସେବା ସମେତ ଅନ୍ୟ ମୌଳିକ ସୁବିଧାରୁ ବି ବଞ୍ଚିତ ହୋଇ ରହିଛ । ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ସାମାନ୍ୟ ରୋଗର ଚିକିତ୍ସା ପାଇଁ ବ୍ରହ୍ମପୁର ଓ ଛତ୍ରପୁର ଆସୁଛନ୍ତି । ଜମି ନେଇ ଶିଳ୍ପପତିମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉ ନଥିବା ଅଭିଯୋଗ ହେଉଛି । ପଞ୍ଚାୟତର ୬୦ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ୨୦୦ ହିତାଧିକାରୀ ଭତ୍ତା ପାଇପାରୁ ନାହାନ୍ତିୟ ରାସନକାର୍ଡ଼ରୁ ବି ଶତାଧିକ ହିତାଧିକାରୀ ବଞ୍ଚିତ ହୋଇ ରହିଛନ୍ତି । ପଞ୍ଚାୟତର ବିକାଶ ପାଇଁ ଅନୁଦାନ ବି ଆସୁନି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଝାଲ୍ ମୁଢ଼ି ପରେ ଏବେ ମକ୍କି ଦି ରୋଟି ସରଷୋଁ ଦା ଶାଗ

ପଶ୍ଚିମବଙ୍ଗରେ ବିପୁଳ ବିଜୟ ଏବଂ ବିରୋଧୀ ଦଳର ସବୁଠାରୁ ଶକ୍ତିଶାଳୀ ନେତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ଦଳ ଟିଏମସିର ପରାଜୟ ବିଜେପିକୁ ଏପରି କିଛି ଚିନ୍ତା କରିବାର ସୁଯୋଗ ଦେଇଛି ଯାହା ସେମାନେ କେବେ କଳ୍ପନା କରିନଥିଲେ । ୨୦୨୭ରେ ବିଜେପିର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଉତ୍ତର ପ୍ରଦେଶରେ କ୍ଷମତାକୁ ଫେରିବା। ତେବେ ପଶ୍ଚିମବଙ୍ଗ ଫଳାଫଳ ପରେ ଦଳର ଅନେକ ନେତା ପଞ୍ଜାବ ଜିତିବା ସ୍ୱପ୍ନ




ଦେଖିବା ଆରମ୍ଭ କରିଛନ୍ତି। ଭାରତୀୟ ଜନତା ଯୁବ ମୋର୍ଚ୍ଚା। ରାଷ୍ଟ୍ରୀୟ ସମ୍ପାଦକ ତାଜିନ୍ଦର ବାଗ। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ୍ କରିଛନ୍ତି। ଏହି ପୋଷ୍ଟ୍‌ରେ ସେ କେବଳ ଦୁଇଟି ପୋଷ୍ଟର ସେୟାର କରିଛନ୍ତି । ଗୋଟିଏ ପୋଷ୍ଟରରେ '୨୦୨୬ ଝାଲ୍‌ମୁଢ଼ି' ଚିତ୍ର ରହିଛି ଏବଂ ଅନ୍ୟଟିରେ '୨୦୨୭ ମକ୍କି କି ରୋଟି ସରଷୋ କା ଶାଗ୍' ଲେଖାଯାଇଛି। ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରଗ୍ରାମର ଏକ ଦୋକାନକୁ ଯାଇ ଝାଲ୍‌ମୁଢ଼ି କିଣି ଖାଇଥିଲେ । ଏହା ପଶ୍ଚିମବଙ୍ଗରେ ଏକ ସାଧାରଣ ଖାଦ୍ୟ। ପ୍ରଧାନମନ୍ତ୍ରୀ ମୋଦୀ ରାସ୍ତାକଡ଼େର ଝାଲ୍‌ମୁଢ଼ି ଖାଇବା ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା । ଫଳାଫଳ ଏପରି ହୋଇଥିଲା ଯେ, ବିଜେପି ଝାଲ୍‌ମୁଢ଼ିକୁ ଏକ ଜାତୀୟସ୍ତରର ପରିଚିତି ଦେଇଥିଲା । ଯେପରି ଝାଲ୍‌ମୁଢ଼ି ପଶ୍ଚିମବଙ୍ଗର ସାଧାରଣ ଲୋକଙ୍କ ସହିତ ଜଡିତ, ସେହିପରି 'ମକା ରୋଟି ଏବଂ ସୋରିଷ ଶାଗର ଉଲ୍ଲେଖ ହିଁ ପଞ୍ଜାବର ମାଟିର ସୁଗନ୍ଧକୁ ଉଜାଗର କରିଥାଏ। ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭ରେ ହେବାକୁ ଯାଉଛି। ଏପରିସ୍ଥଳେ ବାଗା ନିର୍ବାଚନୀ ପରିବେଶ ସୃଷ୍ଟି କରିବା ପାଇଁ ତାଙ୍କର ପ୍ରୟାସ ଆରମ୍ଭ କରିସାରିଛନ୍ତି। ତାଜିନ୍ଦର ବଗା ଏକା ନୁହଁନ୍ତି। ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଜୟବୀର ଶେରଗିଲ ୪ ମେ'ରେ ପଶ୍ଚିମବଙ୍ଗରେ ଭୋଟ ଗଣତି ଦିନ ସୋସିଆଲ ମିଡିଆ ତାଙ୍କ ଏକ୍ସରେ ଏକ ପୋଷ୍ଟ୍ ସହିତ ପଞ୍ଜାବରେ ବିଜେପି ସପକ୍ଷରେ ପରିବେଶ ସୃଷ୍ଟି କରିବା ଚେଷ୍ଟା ଆରମ୍ଭ କରିଥିଲେ। 'ସେ ଲେଖିଥିଲେ, ପଶ୍ଚିମବଙ୍ଗ ପରେ, ଏବେ ପଞ୍ଜାବର ପାଳି ! ନିଜ ଜିନିଷପତ୍ର ସଜାଡ଼, ଏଏପି !'। ବିଜେପି ନେତାମାନଙ୍କର ପଞ୍ଜାବ ପ୍ରତି ଏଭଳି ଆଶାବାଦୀ ହେବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମ୍ ଆଦ୍‌ମୀ ପାର୍ଟି ଛାଡି ବିଜେପିରେ ଯୋଗ ଦେଇଥିବା ସାତ ଜଣ ସାଂସଦ। ଯେଉଁଥିରେ ରାଘବ ଚଡା ମଧ୍ୟ ସାମିଲ ଅଛନ୍ତି । ଏହି ସାତ ଜଣ ସାଂସଦଙ୍କ ମଧ୍ୟରୁ ସ୍ୱାତୀ ମାଲିୱାଲଙ୍କୁ ଛାଡି ସମସ୍ତେ ପଞ୍ଜାବର ପ୍ରତିନିଧିତ୍ୱ କରୁଛନ୍ତି। ଏହି ସାଂସଦମାନେ ବିଜେପି ନେତାଙ୍କ ମନୋବଳ ବୃଦ୍ଧି କରିଛନ୍ତି ।

## ଇରାନ ସପିଂ ସେଣ୍ଟରରେ ଅଗ୍ନିକାଣ୍ଡ : ୮ଜଣ ଜୀବନ୍ତ ଦଗ୍ଧ, ୩୬ ଆହତ

ତେହେରାନ : ଇରାନର ରାଜଧାନୀ ତେହେରାନ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଆଣ୍ଡିସେ ସହରର ଆର୍ଘାଭାନ୍ ସପିଂ ସେଣ୍ଟରରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ବହୁ ଧନ ଜୀବନ ହାନି ଘଟିଛି। ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ରହିଛି। ଅଗ୍ନିକାଣ୍ଡରେ ୮ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ୩୬ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡ ସମୟରେ ସପିଂ ସେଣ୍ଟରରେ ଅତ୍ୟଧିକ ଭିଡ଼ ଥିବା କୁହାଯାଉଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଭୟଙ୍କର ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଟେଲିଭିଜନ ଫୁଟେଜରେ ବହୁମହଲା କୋଠାରୁ କଳା ଧୂଆଁର ଏକ ବଡ଼ କୁଣ୍ଡଳୀ ଉଠୁଥିବା ଦେଖାଯାଇଛି। ଇରାନର ସରକାରୀ ଟେଲିଭିଜନ, ଆଇଆର୍ ?ଆଇବି ରିପୋର୍ଟ କରିଛି, ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ସମ୍ପୃକ୍ତ କର୍ତ୍ତୃପକ୍ଷ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି। ତଦନ୍ତ ସମାପ୍ତ ହେବା ପରେ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ। ଅଗ୍ନିକାଣ୍ଡ ପଛରେ କୌଣସି ଶତ୍ରୁତା କିମ୍ବା ବାହ୍ୟ ଆକ୍ରମଣର ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। ପ୍ରଶାସନ ଏହାକୁ କେବଳ ଏକ ଦୁଃଖଦ ଦୁର୍ଘଟଣା ଭାବରେ ଦେଖୁଛି। ଅଗ୍ନିକାଣ୍ଡରେ ଅନେକ ଦୋକାନ ଏବଂ ଭିତରେ ଥିବା ସମସ୍ତ ମୂଲ୍ୟବାନ ଜିନିଷପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ, ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ବ୍ରାଜିଲ ସ୍କୁଲରେ ଗୁଳିକାଣ୍ଡ: ଦୁଇ ଜଣଙ୍କୁ ହତ୍ୟା କଲା ୧୩ ବର୍ଷର କିଶୋର ବ୍ରାଜିଲର ଉତ୍ତରପୂର୍ବରେ ଅବସ୍ଥିତ ଏକ ସ୍କୁଲରେ ମଙ୍ଗଳବାର ଜଣେ ୧୩ ବର୍ଷର କିଶୋର ୨ ଜଣ ସ୍କୁଲ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରିଛି। ଏହି ଗୁଳିକାଣ୍ଡ ଘଟଣାରେ ଜଣେ ଛାତ୍ରଙ୍କ ସମେତ ଦୁଇ ଜଣ ଆହତ ହୋଇଥିଲେ।

## ବ୍ରାଜିଲ ସ୍କୁଲରେ ଗୁଳିକାଣ୍ଡ: ଦୁଇ ଜଣଙ୍କୁ ହତ୍ୟା କଲା ୧୩ ବର୍ଷର କିଶୋର

ବ୍ରାଜିଲ : ବ୍ରାଜିଲର ଉତ୍ତରପୂର୍ବରେ ଅବସ୍ଥିତ ଏକ ସ୍କୁଲରେ ମଙ୍ଗଳବାର ଜଣେ ୧୩ ବର୍ଷର କିଶୋର ୨ ଜଣ ସ୍କୁଲ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରିଛି। ଏହି ଗୁଳିକାଣ୍ଡ ଘଟଣାରେ ଜଣେ ଛାତ୍ରଙ୍କ ସମେତ ଦୁଇ ଜଣ ଆହତ ହୋଇଥିଲେ। ଗୁଳିକାଣ୍ଡ ଘଟାଇ ଥିବା କିଶୋର ଓ ତାଙ୍କ ଆଇନଗତ ଅଭିଭାବକଙ୍କୁ ଗିରଫ କରାଯାଇଛି। କିଶୋର ଜଣକ ଅଭିଭାବକଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଗୁଳିକାଣ୍ଡରେ ବ୍ୟବହାର କରିଥିଲା। ଗୁଳିକାଣ୍ଡରେ ଭୟଭୀତ ଅନ୍ୟ ଛାତ୍ରଛାତ୍ରୀ ଏକ ପାଚେରୀ ଡେଇଁ ଖସି ଯିବାକୁ ଚେଷ୍ଟା କରିଥିଲେ। ଆକ୍ରେ ଷ୍ଟେଟର ରାଜଧାନୀ ରିଓ ବ୍ରାଙ୍କୋର ସାଓ ଯୋଶ୍ ଇନଷ୍ଟିଚ୍ୟୁଟ ନିକଟରେ ଏକ ହୋଟେଲର ରିସେପସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ଏଡୁଆର୍ଡୋ ରୋଡ୍ରିଗୁଏଜ କାଭାଲକାଣ୍ଟେ କହିଛନ୍ତି, କେବଳ ମାତ୍ର ଜଣେ ବ୍ୟକ୍ତି ପାଚେରୀ ଡେଇଁ ଆସିବାରେ ସକ୍ଷମ ହୋଇଥିଲେ ଅନ୍ୟମାନେ ସ୍କୁଲ ଛାତ ଉପରେ ରହିଯାଇଥିଲେ। ସ୍ଥାନୀୟ ଗଣମାଧ୍ୟମ ଭିଡିଓରେ ଲୋକମାନେ ବାହାରକୁ କାନ୍ଦି କାନ୍ଦି ବାହାରୁ ଥିବା ଦେଖିବାକୁ ମିଳିଛି। ଆକ୍ରମଣକାରୀ ଛାତ୍ର ସ୍କୁଲରେ ବର୍ତ୍ତମାନ ପଢୁଥିଲେ କି ପୂର୍ବତନ ଛାତ୍ର ତାହା ଜଣାପଡ଼ିନାହିଁ। ପୁଲିସ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଛି। ସ୍କୁଲରେ ତିନିଦିନ ପାଇଁ ପାଠପଢ଼ା ବନ୍ଦ ରଖାଯାଇଛି। ମନୋବିଜ୍ଞାନୀ ଦଳ ଭୟଭୀତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ କାଉନସେଲିଂ କରୁଛନ୍ତି।

# ପେଟ୍ରୋଲ୍, ଡିଜେଲ୍ ଦର ନିଶ୍ଚିତ ବଢ଼ିବ: ଆଇଏମ୍ଏଫ୍

ନୂଆଦିଲ୍ଲୀ: ଭାରତରେ ବିଧାନସଭା ନିର୍ବାଚନ ଶେଷ ହୋଇଥିବାରୁ ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ନିର୍ବାଚନ ଫଳ ପ୍ରକାଶ ପରେ ତେଲ ଦର ବଢ଼ିବ ବୋଲି ବିଭିନ୍ନ ରେଟିଂ ଏଜେନ୍ସି ଓ ବ୍ରୋକରେଜ୍ ସଂସ୍ଥା କରିଥିବା ଆକଳନକୁ କେନ୍ଦ୍ର ସରକାର ଦୃଢ଼ ଭାବେ ଖଣ୍ଡନ କରିଥିଲେ। ଏବେ ଏହି ବିତର୍କରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ସାମିଲ ହୋଇଛି। ସରକାରଙ୍କୁ ପେଟ୍ରୋଲ୍ ଦର ନିଶ୍ଚିତ ବଢ଼ାଇବାକୁ ପଡ଼ିବ ବୋଲି ଆଇଏମ୍ଏଫ୍‌ର ଜଣେ ଅଧିକାରୀ କହିଛନ୍ତି।



ଚଳିତ ବର୍ଷ ଫେବ୍ରୁଆରି ଶେଷ ସପ୍ତାହରେ ଇରାନ ସହ ଆମେରିକା ଓ ଇସ୍ରାଏଲ୍‌ର ଯୁଦ୍ଧ ଆରମ୍ଭ ହେବା ବେଳକୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୭୦ ଡଲାର ଥିଲା। ଯୁଦ୍ଧ ପରେ ତାହା ୧୦୦ ଡଲାରରୁ ଉପର ସ୍ତରରେ ରହିଛି। କିଛି ସମୟ ତାହା ୧୨୬ ଡଲାର ଭଳି ସ୍ତରକୁ ଚାଲିଯାଇଥିଲା। ଏଭଳି ଉଚ୍ଚ ସ୍ତରରେ ଅଶୋଧିତ ତେଲ ରହିଲେ ପେଟ୍ରୋଲ ଓ ଡିଜେଲ୍‌ର ଦରବୃଦ୍ଧିକୁ ସରକାର ବେଶି ଦିନ ଅଟକାଇ ପାରିବେ ନାହିଁ। ସରକାରଙ୍କ ପାଖରେ ଆର୍ଥିକ ପ୍ରତିବନ୍ଧକ ରହିଛି ବୋଲି ଆଇଏମ୍ଏଫ୍‌ର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ନିର୍ଦ୍ଦେଶକ କ୍ରିଷ୍ଣା ଶ୍ରୀନିବାସନ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ ସରକାର ତେଲ ଉପରୁ ଉତ୍ପାଦ ଶୁଳ୍କ କମ୍ କରିଛନ୍ତି। ସାର ଉପରେ ସବ୍‌ସିଡି ଦେଉଛନ୍ତି। ଏହା କିଛି ଦିନ ଚାଲିପାରିବ। କିନ୍ତୁ ଅଧିକ ଦିନ ଚାଲିବା ପାଇଁ ଆର୍ଥିକ ସୁବିଧା ନାହିଁ। ଆଗକୁ ଏମିତି ଦିନ ଆସିବ ସରକାରଙ୍କୁ ନିଶ୍ଚିତ ରୂପେ ଦରବୃଦ୍ଧି ପାଇଁ ଅନୁମତି ଦେବାକୁ ପଡ଼ିବ। ଭାରତ ପାଇଁ ଏହି ନୀତି ପ୍ରଯୁଜ୍ୟ ବୋଲି ସେ କହିଥିଲେ। ତେବେ ଦରବୃଦ୍ଧିରୁ ଗରିବ ଲୋକଙ୍କୁ ସୁରକ୍ଷା ଦେବା ଲାଗି ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ସରକାର ସବ୍‌ସିଡି ଘୋଷଣା କରିପାରିବେ ବୋଲି ସେ କହିଛନ୍ତି।

୨୦୨୨ରେ ରୁଷ୍-ୟୁକ୍ରେନ ଯୁଦ୍ଧ ପରଠାରୁ ଭାରତରେ ପେଟ୍ରୋଲ୍ ଓ ଡିଜେଲ ଦରରେ କୌଣସି ବୃଦ୍ଧି ଘଟିନାହିଁ। ଏହି ଚାରି ବର୍ଷ ମଧ୍ୟରେ ଅନେକ ସମୟରେ ଅଶୋଧିତ ତେଲ ଦର ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୋଇଛି ଓ କମ୍ ମଧ୍ୟ ହୋଇଛି। ସେହି ସବୁ ସମୟରେ ପେଟ୍ରୋଲ୍ କିମ୍ବା ଡିଜେଲ୍ ଦରରେ କୌଣସି ହ୍ରାସ ଘଟିନାହିଁ। ଅଶୋଧିତ ତେଲ ଦର ଦୀର୍ଘଦିନ ପର୍ଯ୍ୟନ୍ତ ୧୨୦ ଡଲାରରୁ ଅଧିକ ନ ରହିଲେ ଦେଶରେ ତେଲ ଦର ବଢ଼ିବ ନାହିଁ ବୋଲି ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ସ୍ପଷ୍ଟ କରିଛନ୍ତି।

ତେବେ ଆର୍ଥିକ ପ୍ରତିବନ୍ଧକ ପାଇଁ ତେଲ ଦର ବଢ଼ାଇବାକୁ ପଡ଼ିବ ବୋଲି ଆଇଏମ୍ଏଫ୍‌ର ଅଧିକାରୀ ଉପସ୍ଥାପନ କରିଥିବା ଯୁକ୍ତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ପୁନମ ଗୁପ୍ତା ଖାରଜ କରିଛନ୍ତି। ସେ ଯୁକ୍ତି ବାଢ଼ିଛନ୍ତି ଯେ ଜିଡିପି ପ୍ରତି ଭାରତର ମୋଟ୍ ଋଣହାର ଯାହା ୨୦୨୬ରେ ୮୩.୪ ପ୍ରତିଶତ ରହିଛି ତାହା ୨୦୩୧ ସୁଦ୍ଧା ୭୭.୭ ପ୍ରତିଶତକୁ ହ୍ରାସ ପାଇବ। କିନ୍ତୁ ସେହି ସମୟ ଭିତରେ ଅନ୍ୟ ସବୁ ଧନୀ, ମଧ୍ୟମ ଧନୀ ଓ ଗରିବ ଦେଶଗୁଡ଼ିକରେ ଋଣ ହାର ବଢ଼ିବ।

## ଭାରତୀୟ ଜାହାଜକୁ ଆରବ ସାଗରରୁ ଉଦ୍ଧାର କଲା ପାକିସ୍ତାନ ନୌସେନା

କନକ ବ୍ୟୁରୋ:ବୁଧବାର ଆରବ ସାଗର ମଧ୍ୟରେ, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅତି ଅସହାୟ ଅବସ୍ଥାରେ ଅଟକି ରହିଥିବା ଏକ ଭାରତୀୟ ବ୍ୟବସାୟିକ ଜାହାଜକୁ ପାକିସ୍ତାନ ନୌସେନା ସଫଳତାର ସହ ଉଦ୍ଧାର କରିଛି। ''ଏମଭି ଗୌତମ'' ନାମକ ମାଲବାହୀ ଜାହାଜଟି ଓମାନରୁ ଭାରତ ଅଭିମୁଖେ ଯାତ୍ରା କରୁଥିବା ସମୟରେ ସମୁଦ୍ର ମଝିରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା, ଯାହାଫଳରେ ଜାହାଜଟି ସେଠାରେ ଫସି ରହିଥିଲା। ମୁମ୍ବାଇସ୍ଥିତ ମାରିଟାଇମ୍ ରେସ୍କ୍ୟୁ ଆଣ୍ଡ କୋଅର୍ଡିନେସନ୍ ସେଣ୍ଟର (ଏମଆରସିସି) ପକ୍ଷରୁ ଏହି ସଙ୍କଟ ସମ୍ପର୍କରେ ଇସଲାମାବାଦ କର୍ତ୍ତୃପକ୍ଷଙ୍କୁ ଜଣାଯାଇ ଜରୁରୀକାଳୀନ ସହାୟତା ପାଇଁ ଅନୁରୋଧ କରାଯିବା ପରେ ପାକିସ୍ତାନ ପକ୍ଷରୁ ତୁରନ୍ତ ଏହି ପଦକ୍ଷେପ ନିଆଯାଇଥିଲା। ଭାରତର ଅନୁରୋଧକୁ ରକ୍ଷା କରି ପାକିସ୍ତାନ ନୌସେନା ନିଜର ପ୍ରତିରକ୍ଷା ଜାହାଜ ''ପିଏମଏସଏସ କାଶ୍ମୀର''କୁ



ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସମ୍ପୃକ୍ତ ଅଞ୍ଚଳକୁ ପଠାଇଥିଲା। ଜାହାଜରେ ଥିବା ୭ ଜଣ କ୍ରୁ ସଦସ୍ୟ, ଯାହା ମଧ୍ୟରେ ୬ ଜଣ ଭାରତୀୟ ଓ ଜଣେ ଇଣ୍ଡୋନେସିଆର ନାଗରିକ ସାମିଲ ଥିଲେ, ସେମାନଙ୍କୁ ପାକିସ୍ତାନ ସେନା ପକ୍ଷରୁ ଜରୁରୀକାଳୀନ ଖାଦ୍ୟ, ପାନୀୟ ଜଳ, ଚିକିତ୍ସା ସେବା ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯାଇଛି। ପାକିସ୍ତାନ ମାରିଟାଇମ୍ ସେକ୍ୟୁରିଟି ଏଜେନ୍ସି (ପିଏମଏସଏ)ର ସହଯୋଗରେ ଏହି ମିଶନ୍ ସମ୍ପନ୍ନ ହୋଇଥିବା ବେଳେ ଏହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ପାକିସ୍ତାନୀ ସୈନ୍ୟମାନେ ବିପଦରେ ଥିବା କ୍ରୁ ସଦସ୍ୟଙ୍କୁ ସାହାଯ୍ୟ କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାସରେ ମଧ୍ୟ ପାକିସ୍ତାନ ନୌସେନା ଉତ୍ତର ଆରବ ସାଗରରେ ଏକ ଜରୁରୀକାଳୀନ ସଙ୍କେତ ପାଇ ଚୀନ୍, ବାଂଲାଦେଶ ଓ ମିଆଁମାର ସମେତ ୧୮ ଜଣ ବିଦେଶୀ ନାଗରିକଙ୍କୁ ''ଏମଭି ଗୋଲ୍‌ଡ ଅଟମ୍'' ଜାହାଜରୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିଜର ମାନବୀୟ ସେବାର ପରିଚୟ ଦେଇଥିଲା।

## ପଶ୍ଚିମବଙ୍ଗରେ ହିଂସା : ସୁରକ୍ଷାବଳ ଉପରେ ଫାୟାରିଂ, ୩ ପୋଲିସକର୍ମୀ ସମେତ ୫ ଯବାନ ଆହତ



କୋଲକତା : ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ ପରେ ବର୍ତ୍ତମାନ ସୁରକ୍ଷାବଳ ଉପରେ ଆକ୍ରମଣ କରାଯାଉଛି । ଏଥିରେ ୩ ଜଣ ପୋଲିସକର୍ମୀ ଏବଂ ୨ ଜଣ କେନ୍ଦ୍ରୀୟ ବଳର ଯବାନ ଆହତ ହୋଇଛନ୍ତି । ପଶ୍ଚିବଙ୍ଗରେ ଏବେ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରାଯାଉଛି । ନୂଆ ସରକାର ଗଠନ ପାଇଁ ପ୍ରୟାସ ଜାରି ରହିଛି । ଏହାରି ଭିତରେ ଏଭଳି ଘଟଣା ଘଟିଛି । କୋଲକତାରେ ବିଜୟ ଉତ୍ସବ ସମୟରେ ହିଂସା ଏବଂ ଭଙ୍ଗାରୁଜା ହୋଇଥିବା ଅଭିଯୋଗ ଅନେକ ସ୍ଥାନରୁ ଆସୁଛି । ରାଜଧାନୀ କୋଲକତାରେ ମଧ୍ୟ ବୁଲଡୋଜର ବ୍ୟବହାର କରି ଦୋକାନ ଭାଙ୍ଗି ଦିଆଯାଇଛି । ଆସନସୋଲର ଉତ୍ତର ବିଧାନସଭା ସିଟରେ ତୃଣମୂଳ କଂଗ୍ରେସର ଏକ କାର୍ଯ୍ୟାଳୟରେ କେହି ନିଆଁ ଲଗାଇ ଦେଇଛନ୍ତି । କୋଲକତାରେ ଆହତଙ୍କୁ ଅଲଗା ଅଲଗା ହସପିଟାଲରେ ଭର୍ତ୍ତି କରାଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ରାଜ୍ୟ ଭିତରେ ହିଂସାକୁ ଉସକାଉଥିବା ଏବଂ ଭଙ୍ଗାରୁଜାରେ ଲିପ୍ତ ଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସିଇସି ଜ୍ଞାନେଶ ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ପୋଲିସ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀମାନଙ୍କୁ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ପୋଲିସ ମହାନିର୍ଦ୍ଦେଶକ (ଡିଜିପି), କୋଲକତା ପୋଲିସ କମିଶନର ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଡିଜିଙ୍କ ସମେତ ନିରନ୍ତର ପାଟ୍ରୋଲିଂ ବଜାୟ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

## ମଇ ୮ରେ ଶପଥ ନେଇପାରନ୍ତି ବିଜୟ

ଚେନ୍ନାଇ: ଟିଭିକେ ତାମିଲନାଡୁରେ ଆଗାମୀ ସରକାର ଗଠନ କରିବାକୁ ଯାଉଥିବାବେଳେ ଦଳର ମୁଖ୍ୟ ତଥା ଅଭିନେତା ବିଜୟ ମେ ୮ ତାରିଖରେ ଶପଥ ଗ୍ରହଣ କରିପାରନ୍ତି। ବିଜୟ ବୁଧବାର ଲୋକ ଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବେ ଓ ସରକାର ଗଠନ କରିବାକୁ ଦାବି ରଖିପାରନ୍ତି। କଂଗ୍ରେସର ସମର୍ଥନ ପରେ ସରକାର ଗଠନ ନେଇ ବିଜୟଙ୍କ ପଥ ପରିଷ୍କାର ହୋଇଛି। ଚେନ୍ନାଇର ଜବାହାରଲାଲ ନେହରୁ ଇନଡୋର୍ ଷ୍ଟାଡିୟମରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇପାରେ। ୧୯୬୭ ମସିହା ପରଠାରୁ ତାମିଲନାଡୁରେ ପ୍ରଥମ ଥର ଅଣ ଡିଏମ୍‌କେ ଓ ଅଣ ଏଆଇଏଡିଏମକେ ସରକାର ଗଠନ ହେବାକୁ ଯାଉଛି। ବିଜୟଙ୍କ ରାଜନୈତିକ ପଦାର୍ପଣ କିମ୍ବଦନ୍ତୀ ଅଭିନେତା ଏମ୍ ଜି ରାମଚନ୍ଦ୍ରନ ଓ ଜେ ଜୟଲଳିତାଙ୍କ ସହିତ ତୁଳନା କରାଯାଉଛି। ବିଜୟଙ୍କ ଦଳ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିନଥିବାରୁ ମେଣ୍ଟ କରି ସରକାର ଗଠନ କରିବା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ ବିକଳ୍ପ ନାହିଁ। ବିଜୟ ସେଥିପାଇଁ ଛୋଟ ଛୋଟ ଦଳ ସହିତ ମେଣ୍ଟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଅପରେସନ 'ଏପିକ୍ ଫ୍ୟୁରି' ଶେଷ: ରୁବିଓ

ତେହେରାନ: ଇରାନ ବିରୋଧରେ ଆମେରିକା ଏହାର ଆକ୍ରମଣାତ୍ମକ ଅଭିଯାନ ଶେଷ କରିଛି। ଆମେରିକା ଫେବ୍ରୁଆରି ୨୮ରେ ଇରାନ ବିରୋଧରେ ଆରମ୍ଭ କରିଥିବା 'ଅପରେସନ ଫ୍ୟୁରି'କୁ ଶେଷ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କଂଗ୍ରେସ (ଆମେରିକା ସଂସଦ)କୁ ଏହି ଅପରେସନ ଓ ଯୁଦ୍ଧର ସମ୍ପୃକ୍ତ ପର୍ଯ୍ୟାୟ ଶେଷ ହୋଇଥିବା କହିଛନ୍ତି ବୋଲି ମଙ୍ଗଳବାର ୱାସିଂଟନର ବିଦେଶ ସଚିବ ମାର୍କ ରୁବିଓ ହ୍ୱାଇଟ ହାଉସ୍ ଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆମେରିକା ବର୍ତ୍ତମାନ 'ଅପରେସନ ଫ୍ରିଡମ୍' ଆରମ୍ଭ କରିଛି। ରାଷ୍ଟ୍ରପତି ଟ୍ରମ୍ପ ଅପରେସନ ଫ୍ରିଡମ୍ ମାଧ୍ୟମରେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ପ୍ରୋଜେକ୍ଟ ଫ୍ରିଡମ୍ ସ୍ୱଳ୍ପ ସମୟ ପାଇଁ ସ୍ଥଗିତ ରଖାଯାଇଛି। ଇରାନ ସହିତ ଚୁକ୍ତି ସ୍ୱାକ୍ଷର ହୋଇପାରୁଛି କି ନାହିଁ ସେଥିପାଇଁ ଏହାକୁ ବନ୍ଦ ରଖାଯାଇଛି। ଇରାନ ଓ ଇସ୍ରାଏଲ ମଧ୍ୟରେ



ଯୁଦ୍ଧବିରତି କାୟମ୍ ଥିଲେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ବର୍ଷଣ ହୋଇଛି। ଅନ୍ୟ ପକ୍ଷରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବଘେର୍ ଗାଲିବାଫ୍ ମଙ୍ଗଳବାର କହିଛନ୍ତି ଯେ, ଆମେରିକାର ଉଭୟ ଅପରେସନ ଫ୍ରିଡମ୍ ଓ ହର୍ମୁଜ ପ୍ରଣାଳୀରେ ଅବରୋଧ କରିବା ଯୁଦ୍ଧବିରତି ଉଲ୍ଲଂଘନର ଉଦାହରଣ। ଆମେରିକା ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଇରାନ ଉପରେ କଟକଣା ଲଗାଇବାକୁ ପ୍ରସ୍ତୁତି ଚାଲିଛି। ବାହାରିନ୍, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କୁଏତ ଓ କତର ସହିତ ଆମେରିକା ଆଣିଥିବା ପ୍ରସ୍ତାବ ଉପରେ ମଙ୍ଗଳବାର ଜାତିସଂଘ ସୁରକ୍ଷା ପରିଷଦରେ ରୁଦ୍ଧ ଦ୍ୱାର ଆଲୋଚନା ହୋଇଛି। ଯଦି ଏହି ପ୍ରସ୍ତାବ ପାରିତ ହୋଇଯାଏ ତେବେ ଇରାନ ଉପରେ କଟକଣା ଲାଗିବାର ସମ୍ଭାବନା ରହିଛି। ଏହାଦ୍ୱାରା ହର୍ମୁଜ ପ୍ରଣାଳୀରେ ବ୍ୟବସାୟିକ ଜାହାଜ ଉପରେ ଯଦି ଇରାନ ଆକ୍ରମଣ ବନ୍ଦ ନ କରେ ତେବେ ଜାତିସଂଘ ସୁରକ୍ଷା ବାହିନୀ ମୁତୟନ କରିପାରେ ବୋଲି ଖବର ସରବରାହ ସଂସ୍ଥା ରଏଟର୍ସ ପ୍ରକାଶ କରିଛି। ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଇରାନର ଆକ୍ରମଣ ବନ୍ଦ ଓ ହର୍ମୁଜ ପ୍ରଣାଳୀରେ ମାଇନ୍ ବିଛେଇବା ବନ୍ଦ କରିବା ଦାବି କରି ଆମେରିକା ସମର୍ଥିତ ଜାତିସଂଘ ପ୍ରସ୍ତାବ ଆଣିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ଜାତିସଂଘର ପ୍ରଭାବ ଉପରେ ପରୀକ୍ଷା ବୋଲି ରୁବିଓ କହି ଚୀନ୍ ଓ ରୁଷ୍‌କୁ ଏହା ଉପରେ ଭିଟୋ ପ୍ରୟୋଗ ନ କରିବାକୁ କହିଥିଲେ। ପୂର୍ବରୁ ଆମେରିକା ସମର୍ଥିତ ବାହାରିନ୍ ପକ୍ଷରୁ ଦିଆଯାଇଥିବା ଏପରି ଏକ ଉପରେ ଚୀନ୍ ଓ ରୁଷ୍ ଭିଟୋ ପ୍ରୟୋଗ କରିଥିଲେ। ରଏଟର୍ସ ଦ୍ୱାରା ହସ୍ତଗତ ହୋଇଥିବା ଚିଠା ପ୍ରସ୍ତାବରେ ଇରାନ ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ଏବଂ ଏହାଦ୍ୱାରା ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବା କୁହାଯାଇଛି। ଏଥିରେ ଇରାନ ତୁରନ୍ତ ଆକ୍ରମଣ ବନ୍ଦ କରିବା ଓ ହର୍ମୁଜ ପ୍ରଣାଳୀରେ ଥିବା ମାଇନ୍ସର ସ୍ଥିତି ଜଣାଇବା ଓ ଏହାକୁ ସଫେଇ କରିବାରେ ବାଧା ସୃଷ୍ଟି ନକରିବାକୁ ଆମେରିକା ଦାବି କରିଛି। ଅନ୍ୟପକ୍ଷରେ ଇରାନ କହିଛି ଯେ, ରୁବିଓ ନିର୍ଲଜ୍ଜ ଭାବେ ସତ୍ୟକୁ ବିକୃତ କରିଛନ୍ତି। ୱାସିଂଟନ ଓ ତେହେରାନ ମଧ୍ୟରେ ବିବାଦ ଭିତରେ ଇରାନର ବିଦେଶ ମନ୍ତ୍ରୀ ଆବାସ୍ ଆରାଘଚି ବେଜିଂରେ ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ସହିତ ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଉପରେ ଆଲୋଚନା କରିପାରନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସରୁ ବିଦା ହୋଇପାରନ୍ତି ପାଣ୍ଡ୍ୟା

ନୂଆଦିଲ୍ଲୀ,୬।୫: ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୨୦୨୬ ପାଇଁ ପ୍ଲେଅଫ୍ ଦୌଡ଼ରୁ ପ୍ରାୟ ବାହାର ହୋଇଗଲାଣି। ସେମାନେ ସେମାନଙ୍କର ବାକି ଚାରୋଟି ମ୍ୟାଚ୍ ଜିତିଲେ ବି, ସେମାନେ କେବଳ ୧୪ ପଏଣ୍ଟ ପାଇପାରିବେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଏମଆଇ(ମୁମ୍ବାଇ ଇଣ୍ଡିଆନ୍ସ) ର ପ୍ରଦର୍ଶନ ଭଲ ରହିନାହିଁ, ଯଦିଓ ତାଙ୍କୁ ରୋହିତ ଶର୍ମାଙ୍କ ବଦଳରେ ଅଧିନାୟକ କରାଯାଇଥିଲା ଝ ଆଘାତ ଯୋଗୁଁ ରୋହିତ ସାମ୍ପ୍ରତିକ ଅନେକ ମ୍ୟାଚ୍ ଖେଳି ନାହାଁନ୍ତି। ସେ ଶେଷ ମ୍ୟାଚ୍ ଖେଳିଛନ୍ତି ଯେତେବେଳେ ହାର୍ଦ୍ଦିକଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଭାବରେ ଦାୟିତ୍ୱ ନେଇଥିଲେ।

ହାର୍ଦ୍ଦିକ ପାଣ୍ଡ୍ୟା ୨୦୧୫ରେ ଆଇପିଏଲ ଡେବ୍ୟୁ କରିଥିଲେ ଏବଂ ପ୍ରଥମ ସିଜିନ୍ ରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ୨୦୨୧ ପରେ ଏମଆଇ ତାଙ୍କୁ ରିଲିଜ କରିଥିଲା। ୨୦୨୨ରେ, ତାଙ୍କୁ ନୂତନ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସ ୧୫ କୋଟିରେ କିଣିଥିଲା। ତାଙ୍କ ପ୍ରଥମ ସିଜିନ୍ ରେ, ଗୁଜରାଟ ଟାଇଟାନ୍ସ ଜିତିଥିଲା ଏବଂ ପରବର୍ଷ, ଦଳ ତାଙ୍କ ଅଧିନାୟକତ୍ୱରେ ଫାଇନାଲରେ ପହଞ୍ଚିଥିଲା। ଦୁଇଟି ସଫଳ ସିଜିନ୍ ସତ୍ତ୍ୱେ, ସେ ଗୁଜରାଟ ଛାଡି ମୁମ୍ବାଇ ଇଣ୍ଡିଆନ୍ସକୁ ଫେରି ଆସିଥିଲେ। ଏହା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା। ୨୦୨୪ ମସିହାରେ ମୁମ୍ବାଇ ଫେରିବା ଅପେକ୍ଷା ଆହୁରି ଆଶ୍ଚର୍ଯ୍ୟଜନକ ଥିଲା ଯେ ଫ୍ରାଞ୍ଚାଇଜ୍ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ କରିଥିଲା । ହାର୍ଦ୍ଦିକ ଏହି ସର୍ତ୍ତରେ ମୁମ୍ବାଇ ଫେରିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା ଏବଂ ଏହାକୁ ବ୍ୟାପକ ସମାଲୋଚନା କରାଯାଇଥିଲା। ହାର୍ଦ୍ଦିକଙ୍କ ଅଧିନାୟକତ୍ୱର ପ୍ରଥମ ବର୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଖରାପ ପ୍ରଦର୍ଶନ କରିଥିଲା, ୧୪ଟି ମ୍ୟାଚ୍ ରୁ ୧୦ଟି ହାରି ପଏଣ୍ଟ ଟେବୁଲରେ ୧୦ମ ସ୍ଥାନରେ ରହିଥିଲା। ଚଳିତ ସଂସ୍କରଣରେ, ଦଳ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ରୁ ୭ଟି ହାରିଛି। ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ଇତିହାସର ସବୁଠାରୁ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି। ଯଦିଓ ସେମାନେ ଗତବର୍ଷ ପ୍ଲେଅଫ୍ ରେ ପହଞ୍ଚିଥିଲେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ, ମୁମ୍ବାଇ ଏହି ବର୍ଷ ୯ଟି ମ୍ୟାଚ୍ ରୁ ୭ଟି ହାରିଛି, କେବଳ ୨ଟି ଜିତିଛି। ଏହି ସମୟ ମଧ୍ୟରେ, ଏମଆଇ ସେମାନଙ୍କର ଘରୋଇ ଗ୍ରାଉଣ୍ଡ (ୱାଙ୍ଖଡେ) ରେ ଲଗାତାର ୪ଟି ମ୍ୟାଚ୍ ହାରିଛି। ୯ଟି ପରାଜୟରୁ ୭ଟି ପରାଜୟ ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ଖେଳି ନଥିଲେ। ତାଙ୍କ ଅନୁପସ୍ଥିତିରେ, ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ଏହି ମ୍ୟାଚ୍‌ରେ ରୋହିତ ଶର୍ମା ମଧ୍ୟ ୮୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏବେ, ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ମୁକ୍ତ କରାଯିବ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଯାଉଛି। ତାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇପାରେ ଏବଂ ଏହି ପରିସ୍ଥିତିରେ, ହାର୍ଦ୍ଦିକ ମଧ୍ୟ ଦଳ ଛାଡିବାକୁ ବିଚାର କରିପାରନ୍ତି।



# ଏଣିକି ଭାରତରେ ଖେଳିପାରିବ ପାକିସ୍ତାନ

ନୂଆଦିଲ୍ଲୀ,୬।୫: ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ-ପାକିସ୍ତାନର ସମ୍ପର୍କ ସମସ୍ତଙ୍କୁ ବେଶ ଭଲଭାବେ ଜଣା । ଉଭୟ ଦେଶ ମଧ୍ୟ ଦୀର୍ଘବର୍ଷ ହେବ ଦ୍ୱିପାକ୍ଷିକ ସିରିଜ ଖେଳାଯାଇନାହିଁ । ଉଭୟ ଦେଶ ମଧ୍ୟରେ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ଏସୀଆ କପରେ ଭେଟୁଛନ୍ତି । ଦୁଇ ଦେଶର ମ୍ୟାଚ ଦେଖିବା ପାଇଁ ବିଶ୍ୱ ସବୁବେଳେ ଚାହିଁ ରହିଥାଏ । ତେବେ ପାକିସ୍ତାନୀ କ୍ରିକେଟର ଭାରତରେ ଖେଳିପାରିବେ । ଏନେଇ ସରକାରଙ୍କ ପକ୍ଷରୁ ବଡ଼ ଘୋଷଣା କରାଯାଇଛି ।

ଭାରତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାକିସ୍ତାନୀ ଖେଳାଳିଙ୍କୁ ଭାରତରେ ଖେଳିବା ନେଇ ଅନୁମତି ଦେଇଛନ୍ତି । ଭାରତ ସରକାରଙ୍କ ଅନୁଯାୟୀ ଅନେକ ଦେଶ ସହ ଜଡ଼ିତ ଟୁର୍ଣ୍ଣାମେଣ୍ଟ ସମୟରେ ଭାରତ ଯାତ୍ରା କରିପାରିବେ। ସରକାର କହିଛନ୍ତି କି, ଭାରତରେ ଆୟୋଜିତ ଅଂଶ ଗ୍ରହଣ କରିପାରିବ ପାକିସ୍ତାନ ଟିମ୍ । ତେବେ ଭାରତୀୟ ଟିମ କିନ୍ତୁ କୌଣସି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ପାକିସ୍ତାନ ଯାତ୍ରା କରିବ ନାହିଁ । ଏହାସହ ପାକିସ୍ତାନ ସହ ଭାରତର କୌଣସି ଦ୍ୱିପାକ୍ଷିକ ସିରିଜ ମଧ୍ୟ ଏବେ ଖେଳାଯିବାର ଯୋଜନା ନାହିଁ । ଏସୀଆ କପ ଏବଂ ବିଶ୍ୱକପ ଭଳି ଟୁର୍ଣ୍ଣାମେଣ୍ଟ ଭାରତରେ ଖେଳାଗଲେ ଏଥିରେ ପାକିସ୍ତାନୀ ଖେଳାଳି ଭାରତରେ ଖେଳିପାରିବେ । ଏନେଇ ଅନୁମତି ପ୍ରଦାନ କରାଯାଇଥିବା କୁହାଯାଇଛି । ସେପଟେ ପାକିସ୍ତାନ ପକ୍ଷରୁ କୌଣସି ପ୍ରତିକ୍ରିୟା ଏନେଇ ମିଳିନାହିଁ । କହି ରଖୁଛୁ କି, ଭାରତ ଏବଂ ପାକିସ୍ତାନ ସମ୍ପ୍ରତି ଦୁଇଟି ଓଡଉ ଟୁର୍ଣ୍ଣାମେଣ୍ଟ ପାଇଁ ପରସ୍ପର ଦେଶ ଯାତ୍ରା କରି ନାହାଁନ୍ତି । ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିଥିଲା, କିନ୍ତୁ ଭାରତୀୟ ଦଳ ଦୁବାଇରେ ଏହାର ମ୍ୟାଚ୍ ଖେଳିଥିଲା । ଭାରତ ଆୟୋଜନ କରିଥିବା ୨୦୨୬ ଟି୨୦ ବିଶ୍ୱକପ୍ ପାଇଁ ପାକିସ୍ତାନ ଭାରତ ଯାତ୍ରା କରିନଥିଲା । ପାକିସ୍ତାନ ତାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା । ଭାରତୀୟ ଦଳକୁ ପାକିସ୍ତାନ ବିପକ୍ଷରେ ଖେଳିବା ପାଇଁ ଶ୍ରୀଲଙ୍କା ଯାତ୍ରା କରିବାକୁ ପଡିଥିଲା । ତେଣୁ, ପାକିସ୍ତାନୀ ଦଳ ଭାରତ ଯାତ୍ରା କରିବ କି ନାହିଁ ତାହା ଏକ ପ୍ରମୁଖ ପ୍ରଶ୍ନ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା ଅସମ୍ଭବ ।



# ବିବାଦରେ ରାଜସ୍ଥାନ ରୟାଲ୍ସ ଅଧିଗ୍ରହଣ

ନୂଆଦିଲ୍ଲୀ,୬।୫: ରାଜସ୍ଥାନ ରୟାଲ୍ସ ଦଳର ଅପ୍ରତ୍ୟାଶିତ ମାଲିକ ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଛି। ଗତ ମାର୍ଚ୍ଚ ମାସରେ ଘୋଷଣା ହୋଇଥିଲା ଯେ ଭାରତୀୟ-ଆମେରିକୀୟ ବ୍ୟବସାୟୀ କାର୍ଲ ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମ୍ (ନିବେଶକ ଗୋଷ୍ଠୀ) ରାଜସ୍ଥାନ ରୟାଲ୍ସକୁ କିଣିଛି। କିନ୍ତୁ ଏବେ ପୁଣି ଖବର ଆସିଛି ଯେ ପ୍ରବାସୀ ଭାରତୀୟ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲ ଓ ସେରମ୍ ଇନଷ୍ଟିଚ୍ୟୁଟ୍ ମୁଖ୍ୟ ଅଦାର ପୁନାୱାଲା ରାଜସ୍ଥାନ ରୟାଲ୍ସର ୭୫ ପ୍ରତିଶତ ଅଂଶଧନ କିଣିଛନ୍ତି। ଏହି ଅଧିଗ୍ରହଣ ରବିବାର ସଂପୂର୍ଣ୍ଣ ହୋଇଛି ।ଏବେ ଏହି ସଦ୍ୟତମ ଅଧିଗ୍ରହଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି କାର୍ଲ ସୋମାନି। ତାଙ୍କ କନସୋର୍ଟିୟମ୍ ପକ୍ଷରୁ ଜାରି ଏକ ବୟାନରେ ଏହି ସଦ୍ୟତମ ଅଧିଗ୍ରହଣକୁ ନେଇ ଗଭୀର ହତାଶା ବ୍ୟକ୍ତ କରାଯାଇଛି। 'ପାଣ୍ଠି ସମସ୍ୟା'କୁ ନେଇ ତାଙ୍କ ଅଫରକୁ ଖାରଜ କରାଯାଇଥିବା ଅଭିଯୋଗକୁ ସେ ଅସ୍ୱୀକାର କରାଯାଇଛି। ଗତ ଛ' ମାସ ହେଲା ଏହି ଅଧିଗ୍ରହଣ ପ୍ରକ୍ରିୟାରେ ଆଗୁଆ ରହିବା ସତ୍ତ୍ୱେ ଏକ ବିପକ୍ଷ ଗୋଷ୍ଠୀ ଅଧିଗ୍ରହଣରେ ସଫଳ ହେବାକୁ ନେଇ ଏଥିରେ ପ୍ରଶ୍ନ ଉଠାଯାଇଛି। ତାଙ୍କ କନସୋର୍ଟିୟମରେ ପାଣ୍ଠି ଓ ଢାଞ୍ଚାଗତ ସମସ୍ୟାର ପ୍ରଶ୍ନ ଉଠୁନାହିଁ। ପୁଣି ଗଣମାଧ୍ୟମ ରିପୋର୍ଟର ବିପରୀତ କନ୍‌ସୋର୍ଟିୟମ୍ କେବେ ବି ନିଜ ବିଡ୍‌ରୁ ଓହରି ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ସହିତ ରାଜସ୍ଥାନ ରୟାଲ୍ସ ପରିଚାଳନା ବିରୋଧରେ ବି ଏହି କନ୍‌ସୋର୍ଟିୟମ୍ କେତେକ ପକ୍ଷପାତିତା ଅଭିଯୋଗ ଆଣିଛି।

## ଆଇପିଏଲ୍ ପ୍ଲେ ଅଫର ସିଡ୍ୟୁଲ ଘୋଷଣା

# ଅହମ୍ମଦାବାଦରେ ଫାଇନାଲ ମ୍ୟାଚ୍

ନୂଆଦିଲ୍ଲୀ,୬।୫: ଆଇପିଏଲ୍ ୨୦୨୬ର ୧୯ତମ ସଂସ୍କରଣର ପ୍ଲେ ଅଫର କାର୍ଯ୍ୟସୂଚୀ ଘୋଷଣା କରିଛି ବିସିସିଆଇ । ବେଙ୍ଗାଲୁରୁ ହାତରୁ ଫାଇନାଲ୍ ମ୍ୟାଚ୍ ଆୟୋଜନର ଅଧିକାର ଛଡାଇ ନିଆଯାଇଛି । ପାରମ୍ପରିକ ଭାବେ ଆଇପିଏଲ ଫାଇନାଲର ଆୟୋଜନ ଅଧିକାର ଡିଫେଣ୍ଡିଂ ଚାମ୍ପିଅନ ଟିମ୍ ପାଖରେ ରହିଥାଏ । ମାତ୍ର ରାଜନୈତିକ କାରଣ ଯୋଗୁଁ ବେଙ୍ଗାଲୁରୁ ଫାଇନାଲ୍ ଆୟୋଜନର ଅଧିକାର ହରାଇଛି । ଏବେ ଆଇପିଏଲ୍ ୨୦୨୬ର ଫାଇନାଲ୍ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ ।



ବିସିସିଆଇ ବୁଧବାର ମେ ୬ରେ ଏହାର ଆନୁଷ୍ଠାନିକ ସୂଚନା ଦେଇଛି । ଧର୍ମଶାଳାରେ ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ । ଏଲିମିନେଟର ଓ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ନ୍ୟୁଚଣ୍ଡିଗଡରେ ଆୟୋଜିତ ହେବ । ଫାଇନାଲ୍ ମୁକାବିଲା ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ତାରିଖ ମଧ୍ୟ ଜାରି କରିଛି ବିସିସିଆଇ । ପ୍ଲେ ଅଫ ସିଡ୍ୟୁଲ ମୁତାବକ ମଙ୍ଗଳବାର ମେ ୨୬ରେ ଧର୍ମଶାଳାରେ ପ୍ରଥମ କ୍ୱାଲିଫାୟର ଖେଳାଯିବ । ଏହି ମୁକାବିଲା ଜିତିବା ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ । ହାରିବା ଦଳ କ୍ୱାଲିଫାୟର ୨ ଖେଳିବ । ବୁଧବାର ମେ ୨୭ରେ ନ୍ୟୁଚଣ୍ଡିଗଡରେ ଏଲିମିନେଟର ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଜିତିବା ଦଳ କ୍ୱାଲିଫୟାର ୨ରେ କ୍ୱାଲିଫାୟର ୧ରେ ପରାଜିତ ଦଳ ଖେଳିବ । ମେ ୩୧ରେ ଅହମ୍ମଦାବାଦରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।ଆଇପିଏଲ୍ ୨୦୨୬ର ପ୍ଲେ ଅଫର ସିଡ୍ୟୁଲ: କ୍ୱାଲିଫାୟର ୧- ମଙ୍ଗଳବାର, ମେ ୨୬, ଧର୍ମଶାଳା; ଏଲିମିନେଟର- ମେ ୨୭, ବୁଧବାର, ନ୍ୟୁ ଚଣ୍ଡିଗଡ; କ୍ୱାଲିଫାୟର ୨- ମେ ୨୯, ଶୁକ୍ରବାର, ନ୍ୟୁ ଚଣ୍ଡିଗଡ;

ଫାଇନାଲ୍- ମେ ୩୧ ରବିବାର, ଅହମ୍ମଦାବାଦ ।

# ଚେନ୍ନାଇର ବିଶାଳ ବିଜୟ, ସାମସନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ,୦୬।୦୫: ଚେନ୍ନାଇ ସୁପର କିଙ୍ଗସ୍ ଓଟଖ ୨୦୨୬ ର ୪୮ ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରିଛି, ଯାହାକି ଦିଲ୍ଲୀର ଘରୋଇ ପଡ଼ିଆ ଅରୁଣ ଜେଟଲି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଚଳିତ ସିଜିନରେ ଏହା ଚେନ୍ନାଇ ପାଇଁ ପଞ୍ଚମ ବିଜୟ ଥିଲା, ଯେଉଁଥିରେ ସଞ୍ଜୁ ସାମସନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଟାର୍ଗେଟକୁ ଚେଜ୍ କରି ସଞ୍ଜୁ ୫୨ ବଲରୁ ୭ ଚୌକା ଏବଂ ୬ ଛକା ସହାୟତାରେ ୮୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଯଦି ସଞ୍ଜୁ ଶତକ ହାସଲ କରିଥାନ୍ତେ, ତେବେ ସେ ଗୋଟିଏ ସିଜିନରେ ୩୦ ଶତକ ହାସଲ କରିବାରେ ପ୍ରଥମ ଖେଳାଳି ହୋଇଥାନ୍ତେ, ଯାହାକି ତାଙ୍କୁ ବିରାଟ କୋହଲି ଏବଂ ଜୋସ୍ ବଟଲରଙ୍କ ଭଳି ଖେଳାଳିଙ୍କ ନିକଟତର କରିଥାନ୍ତା। ବଟଲର୍ ଏବଂ କୋହଲି ଗୋଟିଏ ସିଜିନରେ ସର୍ବାଧିକ ୪ ଶତକ ହାସଲ କରିଛନ୍ତି।

ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୫ ରନ୍ କରିଥିଲେ। ଦଳ ପକ୍ଷରୁ ସମୀର ରିଜଭି ସର୍ବାଧିକ ୪୦ ରନ୍ କରିଥିଲେ। ଏହି ସମୟରେ ଚେନ୍ନାଇ ପକ୍ଷରୁ ନୁର ଅହମ୍ମଦ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ଟାର୍ଗେଟର ପିଛା କରି ଚେନ୍ନାଇ ମାତ୍ର ୧୭.୩ ଓଭରରେ ଦୁଇ ୱିକେଟ ହରାଇ ୧୫୯ ରନ୍ କରି ବିଜୟ ହାସଲ କରିଥିଲା।

ଚେଜ୍ କରି, ଚେନ୍ନାଇ ୨୪ ରନ୍‌ରେ ଅଧିନାୟକ ଋତୁରାଜ ଗାୟକୱାଡ (୬ ରନ୍) ଭାବେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଉର୍ଭିଲ ପଟେଲ ୧୭ ରନ୍ କରି ପାଭିଲିୟନ ଫେରିଥିଲେ। ଏହାପରେ ସଞ୍ଜୁ ସାମସନ ଏବଂ କାର୍ତ୍ତିକ ଶର୍ମା ୬୬ ବଲ୍ ରେ ତୃତୀୟ ୱିକେଟ ସୁଦ୍ଧା ୧୧୪ ରନର ଅତୁଟ ଭାଗିଦାରୀ ଦଳକୁ ବିଜୟୀ କରାଇଥିଲେ।

ଚଳିତ ସିଜିନରେ ଏହା ଷଷ୍ଠ ପରାଜୟ ଥିଲା। ଦଳ ଏବେ ୧୦ଟି ମ୍ୟାଚ୍ ଖେଳିସାରିଥିବା ବେଳେ ୪ଟି କରିବାକୁ ହେଲେ, ଦଳଗୁଡ଼ିକୁ ଏକ ଦୃଢ଼ ନେଟ୍ ରନ୍ ରେଟ୍ ବଜାୟ ରଖିବାକୁ ପଡିବ। ଏହି ବିଜୟ ସହିତ, ଚେନ୍ନାଇ ପ୍ଲେଅଫରେ ପହଞ୍ଚିବାର ଆଶା ଉଜ୍ଜୀବିତ ରଖିଛି। ଦଳ ବର୍ତ୍ତମାନ ଦଶଟି ମ୍ୟାଚ୍ ରୁ ପାଞ୍ଚଟିରେ ବିଜୟୀ ହୋଇଛି। ଋତୁରାଜ ଗାୟକୱାଡଙ୍କ



## ●ଷଷ୍ଠ ମ୍ୟାଚ୍ ହାରିଗଲା ଦିଲ୍ଲୀ
## ●ବିଜୟ ସହିତ ଚେନ୍ନାଇର ପ୍ଲେଅଫ୍ ଦୌଡ଼ ନିଶ୍ଚିତ

ବିଜୟ ସହିତ ୮ ପଏଣ୍ଟରେ ରହିଛି। ଏଠାରୁ ଦିଲ୍ଲୀ ପାଇଁ ପ୍ଲେଅଫ୍ ପହଞ୍ଚିବା କ୍ରମଶଃ କଷ୍ଟକର ହୋଇପଡୁଛି। ଯଦି ଦଳ ବାକି ଥିବା ସମସ୍ତ ଚାରୋଟି ମ୍ୟାଚ୍ ଜିତିଯାଏ, ତେବେ ଏହା ୧୬ ପଏଣ୍ଟରେ ପହଞ୍ଚିବ। ଏତେ ପଏଣ୍ଟ ସହିତ, ଦଳ ପାଇଁ ପ୍ଲେଅଫ୍ କୁ ଯିବା କଷ୍ଟକର ହୋଇପାରେ। ଏତେ ପଏଣ୍ଟ ସହିତ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ ନେତୃତ୍ୱାଧୀନ ଚେନ୍ନାଇ ଦଳ ଏବେ ୧୦ ପଏଣ୍ଟ ପାଇଛି। ବର୍ତ୍ତମାନ ଦଳ ଆହୁରି ଚାରୋଟି ମ୍ୟାଚ୍ ଖେଳିବାକୁ ଅଛି। ବାକି ଚାରୋଟି ମ୍ୟାଚ୍ ଜିତିଲେ ସେମାନେ ୧୮ ପଏଣ୍ଟରେ ପହଞ୍ଚିପାରିବେ। ଏତେ ପଏଣ୍ଟ ସହିତ, ଯେକୌଣସି ଦଳର ପ୍ଲେଅଫ୍ ସ୍ଥାନ ନିଶ୍ଚିତ। ତଥାପି, ଚେନ୍ନାଇ ସେମାନଙ୍କର ବାକି ଚାରୋଟି ଲିଗ୍ ମ୍ୟାଚ୍‌ରେ କିପରି ପ୍ରଦର୍ଶନ କରିବ ତାହା ଦେଖିବାକୁ ବାକି ରହିଛି।

# ହୃଦୟ ଜିତିଲେ ହିଟମ୍ୟାନ୍

ମୁମ୍ବାଇ୬।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର ଅଭିଯାନ ଏଥର ସଙ୍କଟ ଦେଇ ଗତି କରୁଛି । ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ବି, ଦଳର ପୂର୍ବତନ ଅଧିନାୟକ ତଥା ବରିଷ୍ଠ ବ୍ୟାଟର ରୋହିତ ଶର୍ମା ନିଜର ବ୍ୟବହାର ଦ୍ୱାରା ପୁଣିଥରେ କୋଟି କୋଟି ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଅଭ୍ୟାସ ସମୟରେ ରୋହିତଙ୍କ ଏକ ଶକ୍ତିଶାଳୀ ସଟ୍ ସେଠାରେ କାମ କରୁଥିବା ୨୭ ବର୍ଷୀୟ ଗ୍ରାଉଣ୍ଡସମ୍ୟାନ୍ ସିବନ ବିଶ୍ୱାସଙ୍କ ଆଣ୍ଠୁରେ ସିଧାସଳଖ ବାଜିଥିଲା । ଆଘାତ ଏତେ ଜୋରଦାର ଥିଲା ଯେ ସିବନ ଯନ୍ତ୍ରଣାରେ ଚିତ୍କାର କରି ଉଠିଥିଲେ । ଏହା ଦେଖି ରୋହିତ ଶର୍ମା ନିଜ ବ୍ୟାଟିଂ ଛାଡ଼ି ତୁରନ୍ତ ତାଙ୍କ ପାଖକୁ ଦୌଡ଼ି ଯାଇଥିଲେ। ସିବନ ବିଶ୍ୱାସ ମିଡ୍-ଡେ'କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, 'ରୋହିତ ସାର୍ ତୁରନ୍ତ ମୋ ପାଖକୁ ଆସିଲେ ଏବଂ ମୋ ଆଘାତ ବିଷୟରେ ପଚାରି ବୁଝିଲେ । ମୁଁ ତାଙ୍କୁ ଅଭ୍ୟାସ ଜାରି ରଖିବାକୁ କହିଲି, କିନ୍ତୁ ସେ ମୋତେ ସେମିତି ଛାଡ଼ି ଗଲେ ନାହିଁ । ସେ ନିଜେ ଆଇସ୍ ପ୍ୟାକ୍ ଧରି ଆସିଲେ ଏବଂ ମୋ ପାଇଁ ଔଷଧ ଓ ସ୍ପ୍ରେ'ର ବ୍ୟବସ୍ଥା ମଧ୍ୟ କଲେ ।' ଯନ୍ତ୍ରଣା ସତ୍ତ୍ୱେ ରୋହିତଙ୍କ ଏହି ସହୃଦୟତା ସିବନଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିଗଲା । ସେ କହିଛନ୍ତି ଯେ, ରୋହିତଙ୍କ ସହ ହାତ ମିଳାଇବା ତାଙ୍କ ଜୀବନର ଏକ ବଡ଼ ସୌଭାଗ୍ୟ।

# ମନର ଦୁଃଖକୁ ପରିପ୍ରକାଶ କଲେ କେଏଲ ରାହୁଲ

ନୂଆଦିଲ୍ଲୀ,୬।୫: 'ମୋ କ୍ୟାରିଅରରେ ମତେ କେବେ ଟି-୨୦ ବ୍ୟାଟ୍ସମ୍ୟାନ ଭାବେ ବିବେଚନା କରାଯାଇନାହିଁ', କିଛି ଏଭଳି କହିଛନ୍ତି ଭାରତୀୟ ଦଳ ତଥା ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟ୍ସମ୍ୟାନ କେଏଲ ରାହୁଲ । କିନ୍ତୁ ବର୍ତ୍ତମାନ ସେ ସେହି ଧାରଣାକୁ ବଦଳାଇ ଦେଇଛନ୍ତି, ଯେଉଁଥିପାଇଁ ସେ ବହୁତ ଖୁସି ଅଛନ୍ତି । ରାହୁଲ କହିଛନ୍ତି ଦୀର୍ଘ ଦିନ ଧରି ସୀମିତ ଓଭର କ୍ରିକେଟରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ କୁ ନେଇ ସେ ଅନେକ ସମାଲୋଚନାର ଶିକାର ହୋଇଛନ୍ତି। ଆଉ ଏବେ ସେ ଅନେକ ସମାଲୋଚନା କରୁଥିବା ବ୍ୟକ୍ତିଙ୍କ ପାଟି ଚୁପ କରିଦେଇଛନ୍ତି ।

ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ରାହୁଲଙ୍କ ୬୭ ବଲରେ ଅପରାଜିତ ୧୫୨ ରନର ଇନିଂସ ସମସ୍ତଙ୍କୁ ଚକିତ କରିଥିଲା । ସେହି ଇନିଂସ ବଳରେ ରାହୁଲ ଆଇପିଏଲ ଇତିହାସର ଗୋଟିଏ ଇନିଂସରେ ସର୍ବାଧିକ ରନ ସ୍କର କରିଥିବା ଭାରତୀୟ ହୋଇଥିଲେ । ରାହୁଲ ୨୦୨୨ ପରଠାରୁ ଭାରତୀୟ ଟି-୨୦ ଦଳରେ ସାମିଲ ହେବାର ସୁଯୋଗ ପାଇନାହାନ୍ତି । ତାଙ୍କୁ କେବଳ ଟେଷ୍ଟ ଓ ଦିନିକିଆ ମ୍ୟାଚ ପାଇଁ ଭାରତୀୟ ଦଳରେ ଚୟନ କରାଯାଇଛି । ରାହୁଲ ଏକ ଇଣ୍ଟରଭିଉରେ କହିଛନ୍ତି, 'ମୁଁ ୧୦ ବର୍ଷ ପୂର୍ବ ଟି-୨୦ ଦଳରେ ସ୍ଥାନ ପାଇବା ପାଇଁ ସବୁକିଛି କରିଥିଲି । ମତେ କେବେ ଟି-୨୦ ଖେଳାଳି ଭାବେ ବିବେଚନା କରାଯାଇନାହିଁ, କେବଳ ଟି-୨୦ ନୁହେଁ ବରଂ ମତେ ଧଳା ବଲରେ ହିଁ ଗୋଟେ ଭଲ ଖେଳାଳି ଭାବେ ବିବେଚନା କରାଯାଇନାହିଁ । ମତେ ଗୋଟେ ଟେଷ୍ଟ ପ୍ଲେଆର ଭାବେ ଚୟନ କରାଯାଇଛି । ତେଣୁ ଏହି ଚିନ୍ତାଧାରାକୁ ବଦଳାଇବା ପାଇଁ, ମୁଁ ଧଳା ବଲ ପାଇଁ ମୋ ଖେଳରେ ଅନେକ ଉନ୍ନତି ଆଣିଛି ଓ ଏହି ସ୍ତରରେ ପହଞ୍ଚିବା ପାଇଁ ମୁଁ ଗର୍ବିତ । ଏହି ସମୟରେ ମୁଁ ଅନେକ ଭୁଲ ମଧ୍ୟ କରିଛି, ଯାହା ମୁଁ ଆହୁରି ଭଲ କରିପାରିଥାନ୍ତି ।'

ରାହୁଲ କହିଛନ୍ତି ସେ ତାଙ୍କ କ୍ୟାରିଅରରେ ଅନେକ ଉତ୍ଥାନ-ପତନ ଦେଖିଛନ୍ତି । ତାଙ୍କୁ ଯେବେ ଭାରତୀୟ ଦଳର ଅଧିନାୟକ ହେବାର ସୁଯୋଗ ମିଳିଛି ସେ ନିଜ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ଚେଷ୍ଟା କରିଛନ୍ତି । ସେ ସେହି ଭାବେ ନିଜକୁ ପ୍ରସ୍ତୁତ କରିଛନ୍ତି, ଯେଉଁଭଳି ସେ ନିଜକୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗଢିତୋଳିବେ । ଏହି ସମୟ ମଧ୍ୟରେ ସେ ଶିଖିବାକୁ ପାଇଛନ୍ତି କି କିଭଳି ଖରାପ ସମୟରେ ନିଜ ଦୃଷ୍ଟିକୋଣକୁ ବଜାୟ ରଖିବେ । ସେ କହିଛନ୍ତି 'ମୁଁ ଯେତେବେଳେ ଏହି କଥାକୁ ନେଇ ଦୁଃଖ ଅନୁଭବ କରେ ସେତେବେଳେ କଣ ନକରିପାରିଛି ତାହା ଚିନ୍ତା କରିବା ପରିବର୍ତ୍ତେ କଣ ହାସଲ କରିଛି ତାହା ଉପରେ ଅଧିକ ଗୁରୁତ୍ୱ ଦିଏ ।




## ଓସିଏ ଦ୍ୱାରା ଆୟୋଜିତ ଅନ୍ତଃଜିଲ୍ଲା ମହିଳା କ୍ରିକେଟ୍ ଟି-୨୦

# ଭୁବନେଶ୍ୱରକୁ ହରାଇ ବଲାଙ୍ଗୀର ଚାମ୍ପିୟନ୍

ବଲାଙ୍ଗିର,୬।୫(ମହାଭାରତ): ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଅନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗିର ଓ ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗିର ମହିଳା କ୍ରିକେଟ୍ ଦଳ ଚମତ୍କାର ଖେଳ ପ୍ରଦର୍ଶନ ପୂର୍ବକ ଭୁବନେଶ୍ୱର ଦଳକୁ ପରାଜିତ କରି ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ ସହ ବଲାଙ୍ଗିର ପାଇଁ ଗୌରବ ବହନ କରିଛି । ସେଥି ସକାଶେ ବିଜୟୀ ବଲାଙ୍ଗୀର ଖେଳାଳୀଙ୍କ ସମ୍ମାନାର୍ଥେ ବୁଧବାର ସକାଳେ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଯାଇଛି । ଏକ ସ୍ୱତନ୍ତ୍ର ବସ ଯୋଗେ ଖେଳାଳୀମାନେ ସକାଳୁ ସକାଳୁ ବଲାଙ୍ଗୀର ପହନ୍ଚିବା ମାତ୍ରେ ସେମାନଙ୍କୁ ଗାନ୍ଧୀ ଷ୍ଟାଡ଼ିୟମ୍‌କୁ ଆମନ୍ତ୍ରଣ କରାଯାଇଥିଲା । ପରେ ପରେ ବିଭିନ୍ନ ପ୍ରକାରର ବାଦ୍ୟ ବାଦନର ତାଳେ ତାଳେ କ୍ରୀଡ଼ା ସଂସଦର ସଭ୍ୟ ବୃନ୍ଦ ତଥା ଉପସ୍ଥିତ ଅଭିଭାବକଙ୍କ ଗହଣରେ ସେମାନଙ୍କୁ ରେଡ଼୍‌କାର୍ପେଟ ଉପରେ ମଂଚ ନିକଟକୁ ପାଛୋଟି ଆଣି ସମସ୍ତଙ୍କୁ ସ୍ୱତନ୍ତ୍ର ଆସନରେ ଉପବେଶନ କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବରେ ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲୀକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କୁ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ଲୀକା ସାହୁ, ପୌରାଧକ୍ଷା, ଖେଳାଳୀଙ୍କୁ ଅର୍ଜିତ କୃତୀତ୍ୱ ପାଇଁ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ସଭ୍ୟମାନଙ୍କ ଦ୍ୱାରା ଅନ୍ତଃ ଜାତୀୟ ଖେଳାଳୀ ମାଧୁରୀ ମେହେଟା, ଜାତୀୟ ଖେଳାଳୀ ସରିତା ମେହେର, ରାମେଶ୍ୱରୀ ନାଏକ, ଦଳର ଅଧିନାୟକ ରଶ୍ମିତା ଟିନାରା, କୋଚ୍ ଅରୁଣ କୁମାର ନାଏକ, ମ୍ୟାନେଜର ଇନ୍ଦିରା ନନ୍ଦିନୀ ନାଥ ଓ ଦଳର ସମସ୍ତ ଖେଳାଳୀଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପମାଳ୍ୟ ଓ ଉପଢ଼ୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା । ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ସାଧାରଣ ସଂପାଦକ ହରିନାରାୟଣ ପୂଝାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରିକେଟ ସଂପାଦକ ଓମ୍‌ପ୍ରକାଶ ଗନ୍ଧ, କୋଚ୍ ଅରୁଣ କୁମାର ନାଏକ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZþ Kêcûe ]k